## ନୂତନ ଜିପିଏଲ୍ଏଫ୍ କମିଟି ଗଠନ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନଟୈଲା ପଞ୍ଚାୟତରେ ନୂତନ ଜିପିଏଲ୍ଏଫ୍ କମିଟି ଗଠିତ ହୋଇଯାଇଛି । ପଞ୍ଚାୟତସ୍ତରୀୟ ୮ଟି ଆଞ୍ଚଳିକ ମଞ୍ଚର ସଦସ୍ୟାମାନଙ୍କ ମଧ୍ୟରୁ ଜିପିଏଲ୍ଏଫ୍ କମିଟିର ସଦସ୍ୟା ଚୟନ ହୋଇଥିଲା । ନୂତନ ଭାବେ ହୋଇଥିବା କମିଟିରେ ମୀର ପର୍ଡିଆ ସଭାନେତ୍ରୀ, ସପୁର ମୁଣ୍ଡା ସମ୍ପାଦିକା, ବହ୍ଲବୀ ମହାକୁର ଉପସଭାନେତ୍ରୀ, ମଲ୍ଲିଫୁଲ ପଧାନ ଯୁଗ୍ମ ସମ୍ପାଦିକା ଓ ଅନୀତା ମହାକୁରଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି ।

**ସଂକ୍ଷେପରେ**

## ସ୍କର୍ପିଓ ଦୁର୍ଘଟଣା: ଶଳା, ଭିଣୋଇ ମୃତ

ତରବୋଡ, ୧୨।୧୨ (ଡି.ଏନ.ଏ.) ନୂଆପଡା ଜିଲା ସିନାପାଲି ଥାନା ଟିପନପୁର ଗ୍ରାମ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ବିବାହ ଭୋଜି ସାରି ଫେରୁଥିବା ଏକ ବରାତି ଗାଡି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ଥ ହୋଇଛି। ଏଥିରେ ଭିଣୋଇ କଲ୍ୟାଣ ବାଗ (୨୫) ଓ ଶଳା ଲଛମନ ବାଗ (୧୮)ଙ୍କ ମୃତ୍ୟୁ ଘଟିଛି। ଡ୍ରାଇଭର ଗୁରୁତର ଅବସ୍ଥାରେ ରାଏପୁରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ରାତିରେ ବୋଡେନ ଥାନା ଅନ୍ତର୍ଗତ ରାଜପୁର ଗ୍ରାମର ୮ଜଣ ବ୍ୟକ୍ତି ସ୍କର୍ପିଓ (ନଂ.ଓଡି୨୬ଏ-୦୩୦୩) ଯୋଗେ ସିନାପାଲି ଥାନା ହଲଦୀମୁଣ୍ଡା ଗ୍ରାମକୁ ବିବାହ ପାଇଁ ଯାଇଥିଲେ। ବିବାହ କାର୍ଯ୍ୟ ସାରି ଫେରୁଥିବା ବେଳେ ଟିମନପୁର ଗ୍ରାମ ନିକଟରେ ସ୍କର୍ପିଓ ହାଠାତ୍ ପଥର ଚଟାଣ ଉପରକୁ ଚଢି ଯାଇ ଭାରସାମ୍ୟ ହରାଇ ଗାଡି ଓଲଟି ପଡିଥିଲା। ଘଟଣା ସ୍ଥଳରେ ଭିଣୋଇ କଲ୍ୟାଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶଳା ଲଛମନଙ୍କ ଖଡିଆଳ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ନେବା ରାସ୍ତାରେ ମୃତ୍ୟୁ ଘଟିଛି। ଖବର ପାଇ ସିନାପାଲି ଅଗ୍ନିଶମ ବିଭାଗ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ। ସିନାପାଲି ପୋଲିସ ଦୁର୍ଘଟଣାଗ୍ରସ୍ଥ ସ୍କର୍ପିଓକୁ ଜବତ କରିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୬୬/୨୦) ରୁଜୁ ହୋଇଛି।

## ଗାଡ଼ି ଧକ୍କାରେ ବୃଦ୍ଧା ମୃତ

ତରବୋଡ, ୧୨।୧୨ (ଡି.ଏନ.ଏ.) ନୂଆପଡା ଜିଲା ସିନାପାଲି ଥାନା ଚଟିଆଗୁଡା ଗ୍ରାମ ନିକଟରେ ଶୁକ୍ରବାର ରାତିଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବିଧବାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ଚଟିଆଗୁଡା ନିବାସୀ ଲୋଚନ ସାହୁ (୮୦) । ସେ କୌଣସି କାମରେ ଚାଲି ଯାଉଥିବା ବେଳେ ହଠାତ୍ ଏକ ଗାଡି ତାଙ୍କୁ ପଛପଟୁ ଧକ୍କା ଦେଇ ଚାଲିଯାଇଥିଲା। ଗାଡି ଧକ୍କାରେ ବୃଦ୍ଧା ଜଣକ ଆହତ ହୋଇ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସିନାପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସତ୍ୟବାଦୀ ବିଦ୍ୟାପୀଠରେ ମୋ ସ୍କୁଲ ଅଭିଯାନ

ଅମରପାଲି,୧୨।୧୨(ଡି.ଏନ.ଏ.)- ବୀରମହାରାଜପୁର ଉପଖଣ୍ଡ କଳାପଥରସ୍ଥିତ ସତ୍ୟବାଦୀ ବିଦ୍ୟାପୀଠ ହାଇସ୍କୁଲ ପରିସରରେ ମୋ ସ୍କୁଲ ଅଭିଯାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ରାଧେଶ୍ୟାମ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନ ପାଇଁ ସର୍ବସମ୍ମତିକ୍ରମେ ଏକ କମିଟି ଗଠିତ ହୋଇଛି । ଏଥିରେ ମନୋଜ କୁମାର କର୍ମୀ ସଭାପତି ଭାବେ ମନୋନୀତ ହୋଇଥିଲେ । ତ୍ରିଲୋକେଶ ମହାକୁର, ସୁଦର୍ଶନ ଭୁକ୍ତା, ଶଙ୍କର୍ଷଣ ମିଶ୍ର, ମଧୁସୂଦନ ପଧାନ, ପୀତବାସ ରଥ, ଶାନ୍ତନୁ କୁମାର ପଧାନ, ବିଘ୍ନରାଜ କର୍ଣ୍ଣ, ମୁରାରୀ କର୍ମୀ, ଅରବିନ୍ଦ ବାଘ ପ୍ରମୁଖଙ୍କୁ କମିଟିର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଛି ।

# ଧାନକଟା ହୋଇନି, ମିଲ୍‌କୁ ଗଲାଣି

ବଲାଙ୍ଗୀର ଅଫିସ, ୧୨।୧୨

- ବଲାଙ୍ଗୀର ଜିଲାରେ ବିଚିତ୍ର ଧାନକିଣା ବ୍ୟବସ୍ଥା
- ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଲେ ଚାଷୀ
- ଦୁର୍ନୀତି ସୀମା ଟପିଲାଣି କହିଲେ

ବଲାଙ୍ଗୀର ଜିଲାରେ ଧାନକିଣା ଅବ୍ୟବସ୍ଥା ଓ ଦୁର୍ନୀତିକୁ ନେଇ ଅନେକ ଅଭିଯୋଗ ହେଉଛି। ଶନିବାର ସନ୍ଧ୍ୟାରେ ଏଭଳି ଏକ ସଙ୍ଗୀନ ଅଭିଯୋଗ ନେଇ ଦେଓଗାଁ ବ୍ଲକ କୁତୁର୍ଲା ପ୍ୟାକ୍ସର କେତେକ ଚାଷୀ ଜିଲାପାଳଙ୍କ ବାସଭବନକୁ ଆସି ଅଭିଯୋଗ କରିଛନ୍ତି। ଯେଉଁ ଚାଷୀମାନେ ନିଜର କ୍ଷେତରୁ ଧାନ ଅମଳ କରିନାହାନ୍ତି ସେମାନଙ୍କ ନାଁରେ ଶତାଧିକ କୁଇଣ୍ଟାଲ ଧାନ ପ୍ୟାକ୍ସରୁ ମିଲ୍‌କୁ ଯାଇସାରିଥିବା ଭଳି ବିଚିତ୍ର ଓ ସଙ୍ଗୀନ ଅଭିଯୋଗ ନେଇ ବଲାଙ୍ଗୀର ଆସିଥିଲେ। ହାତୀସରା ଗ୍ରାମର ଅରବିନ୍ଦ ସାହୁ, କୁତୁର୍ଲାର ଅନାଦୀ ଚରଣ ପାଣିଗ୍ରାହୀ, ମୁରସିଂର ରଶ୍ମିରଞ୍ଜନ ପଧାନ ଜିଲାପାଳଙ୍କ ବାସଭବନ ସମ୍ମୁଖକୁ ଆସି କୁତୁର୍ଲା ପ୍ୟାକ୍ସରେ କିଭଳି ଦିନଦ୍ୱିପହରେ ଧାନକିଣା ଦୁର୍ନୀତି ଚାଲିଛି ଅଭିଯୋଗ କରିଥିଲେ। ଚାଷୀଙ୍କ କହିବା ମୁତାବକ ଶନିବାର ସକାଳେ ସଇଁତଲା ବ୍ଲକ୍‌ର ଏକ ରାଇସ ମିଲ୍‌ରୁ ଧାନଭର୍ତ୍ତି



ଜିଲାପାଳଙ୍କ ବାସଭବନ ସମ୍ମୁଖରେ ଚାଷୀମାନେ ।

ଗାଡି ଆସି କୁତୁର୍ଲା ପ୍ୟାକ୍ସରେ ପହଞ୍ଚିଥିଲା । ଚାଷୀମାନେ ଏହାକୁ ନେଇ ସନ୍ଦେହ ପ୍ରକଟ କରିଥିଲେ। ଶନିବାର କୁତୁର୍ଲା ପ୍ୟାକ୍ସରେ ୪ ଜଣ ଚାଷୀଙ୍କଠାରୁ ୯୮୬ ପ୍ୟାକେଟ୍ ଧାନ କିଣାଯାଇଥିବା ପ୍ୟାକ୍ସ ସମ୍ପାଦକ ସୂଚନା ଦେଇଥିଲେ। ତେବେ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଯେଉଁ ୪ ଜଣ ଚାଷୀଙ୍କ ଧାନ ପ୍ୟାକ୍ସରେ କିଣାଯାଇଛି ସେମାନେ ଏପର୍ଯ୍ୟନ୍ତ ତାଙ୍କର କ୍ଷେତରୁ ଧାନ କାଟି କରିନାହାନ୍ତି। ଏନେଇ ପ୍ୟାକ୍ସ ସମ୍ପାଦକ ଜିତେନ୍ଦ୍ର ନାଗଙ୍କୁ ପଚରାଯିବାରୁ ଯେଉଁ ୪ ଜଣ ଚାଷୀ ପ୍ୟାକ୍ସରେ ଧାନ ଦେଇଛନ୍ତି ସେମାନଙ୍କର ଟୋକନ ରହିଛି ଓ ଟୋକନ ମୁତାବକ ସେମାନଙ୍କଠାରୁ ଧାନ ସଂଗ୍ରହ ହୋଇଛି । ବାସ୍ତବରେ ସେମାନେ ଧାନ କାଟିଛନ୍ତି କି ନାଁ ସେ ଉପରେ ସେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି । ଅନ୍ୟପକ୍ଷେ ଅଭିଯୋଗକାରୀ ଚାଷୀମାନେ ଅନ୍ୟ ଏକ ମିଲ୍‌ରୁ ଧାନ ଆଣି ଏଠାରେ କାଗଜପତ୍ର କରି ଦୁର୍ନୀତି କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏହାର ବିହିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଜିଲାପାଳ ଚଞ୍ଚଳ ରାଣା ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ଓ ତାଙ୍କରି ନିର୍ଦ୍ଦେଶକ୍ରମେ ଚାଷୀମାନେ ଉପଜିଲାପାଳ ସୁଧାକର ନାୟକଙ୍କୁ ଦାବିପତ୍ର ଦେଇଥିଲେ । ଏ ଦିଗରେ ବିଧିବଦ୍ଧ ତଦନ୍ତ କରାଯିବ ବୋଲି ଉପଜିଲାପାଳ ନାୟକ ପ୍ରତିଶ୍ରୁତି ଦେଇଥିଲେ।

# ସୁକତେଲ ନଦୀରେ ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ପାଇଁ ୧୫୪ କୋଟି ମଞ୍ଜୁର

ବଲାଙ୍ଗୀର ଅଫିସ, ୧୨।୧୨

- ବଢ଼ିବ ଜଳସେଚନ କ୍ଷମତା, ଲାଭବାନ ହେବେ ଚାଷୀ
- ଛତାମଖନା-କିରାବାହାଲ ନିକଟରେ ହେବ ପ୍ରକଳ୍ପ
- ଟେଣ୍ଡର ଆହ୍ୱାନ କଲା ଜଳସମ୍ପଦ ବିଭାଗ
- ବିଧାୟକ ନରସିଂହ ମିଶ୍ର ଦେଲେ ସୂଚନା

ଚିରମରୁଡି ପ୍ରପୀଡିତ ବଲାଙ୍ଗୀର ଜିଲାରେ ଚାଷ ପାଇଁ ଜଳସେଚନ କ୍ଷମତା ବଢ଼ାଇବା ସକାଶେ ରାଜ୍ୟ ସରକାର ସୁକ୍‌ତେଲ ନଦୀର ଛତାମଖନା-କିରାବାହାଲ ନିକଟରେ ଏକ ଭୂତଳ ଜଳ ସରଂକ୍ଷଣ ପ୍ରକଳ୍ପ (ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର) ନିର୍ମାଣ କରିବେ। ଏହି ପ୍ରକଳ୍ପରେ ୧୫୪ କୋଟି ଟଙ୍କା ଖର୍ଚ୍ଚ ହେବ । ଜଳସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରକଳ୍ପର ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସୁକ୍‌ତେଲ ନଦୀ କୂଳରେ ଥିବା ଶତାଧିକ ଏକ ଚାଷ ଜମିରେ ଜଳସେଚନ ସୁବିଧା ହୋଇପାରିବ। ଏହି ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ ସରିଥିବା ବିଧାୟକ ନରସିଂହ ମିଶ୍ର ସୂଚନା ଦେଇଛନ୍ତି । ୧୫୪ କୋଟି ୭୭ ଲକ୍ଷ ଟଙ୍କାର ଏହି ପ୍ରକଳ୍ପ ପାଇଁ ଦୁଇଦିନ ପୂର୍ବେ ଟେଣ୍ଡର ଆହ୍ୱାନ ପାଇଁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କଠାରୁ ମଞ୍ଜୁରୀ ପତ୍ର ମିଳିସାରିଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ୮ଟି ପ୍ରକଳ୍ପ ମଞ୍ଜୁର ହୋଇଛି । ସେଥିରୁ ବଲାଙ୍ଗୀର ପାଇଁ ଗୋଟିଏ ପ୍ରକଳ୍ପ ମଞ୍ଜୁର ହୋଇଛି। ଏହି ଯୋଜନାରେ ସୁକତେଲ ନଦୀ ଉପରେ ଅନେକ ଇନ୍‌ଟେକ୍ ୱେଲ ନିର୍ମାଣ କରି ନଦୀର ଉଭୟ ପାର୍ଶ୍ୱରେ ଥିବା ଚାଷଙ୍କୁ ଚାଷ ପାଇଁ ପାଣି ଯୋଗାଇ ଦିଆଯାଇପାରିବ । ଭୂତଳ ଜଳ ସଂରକ୍ଷଣ ଯୋଗୁଁ ସୁକତେଲ ନଦୀର ଉଭୟ ପାର୍ଶ୍ୱରେ ଥିବା ଜମିର ଆଦ୍ରତା ତଥା ଜଳଧାରଣ କ୍ଷମତା ବଢିଯିବ । ଫଳରେ ଅଞ୍ଚଳର ଚାଷୀ ଲାଭାନ୍ୱିତ ହେବେ। ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ଚିଠି ସଂଖ୍ୟା ୨୬୩୧୫/ତା.୧୦।୧୨।୨୦ରିଖ ଅନୁସାରେ ସମସ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କରୋନା ସଂକ୍ରମଣ ସମୟରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ଅନେକ ପ୍ରକଳ୍ପ ବାଧାପ୍ରାପ୍ତ ହୋଇଥିଲା, ଏବେ ୧୫୪ କୋଟି ଟଙ୍କାର ଜଳ ସଂରକ୍ଷଣ ପ୍ରକଳ୍ପର ଟେଣ୍ଡର ଆହ୍ୱାନ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିଧାୟକ ମିଶ୍ର ସୂଚନା ଦେଇଛନ୍ତି।

# ବରଗଡ଼ ଓକିଲ ସଂଘ ନିର୍ବାଚନ

ବରଗଡ଼ ଅଫିସ,୧୨।୧୨

**ଶ୍ୟାମସୁନ୍ଦର ସଭାପତି, ହରିହର ସମ୍ପାଦକ**





ବରଗଡ଼ ଜିଲାର ବିଭିନ୍ନ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ସମ୍ପନ୍ନ ହୋଇଛି । ବରଗଡ଼ ଜିଲା ଓକିଲ ସଂଘର ସଭାପତି ଭାବେ ଶ୍ୟାମସୁନ୍ଦର ଅଦାବର ନିର୍ବାଚିତ ହୋଇଛନ୍ତି। ମାନଭଞ୍ଜନ ତ୍ରିପାଠୀ ଉପସଭାପତି, ହରିହର ପ୍ରଧାନ ସମ୍ପାଦକ, ରାଜେନ୍ଦ୍ର ମହାନ୍ତି ଯୁଗ୍ମ ସମ୍ପାଦକଭାବେ ନିର୍ବାଚିତ ହୋଇଛନ୍ତି। ଅନନ୍ତ ମଜୁମଦାର, ସୁଶୀଲ କୁମାର ଶତପଥି, ବେଣୁ ପ୍ରଧାନ, ଟୁନା ମହାକୁଡ଼, ଅଚ୍ୟୁତାନନ୍ଦ ନାୟକ କାର୍ଯ୍ୟକାରୀ ସଭ୍ୟ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଡ଼ଭୋକେଟ୍ ଯୁଗଳ ପ୍ରସାଦ ସିଂ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ । ସେହିପରି ଅତାବିରା ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାକେଶ କୁମାର ପାଢ଼ୀ ସଭାପତି, ଉନ୍ନିକ୍ରିଷ୍ଣନ ନାୟାର ଉପସଭାପତି, ଅରବିନ୍ଦ ସୁଣାରୀ ସମ୍ପାଦକ, ଯୁଧିଷ୍ଠିର ସାହୁ ସହ ସମ୍ପାଦକ, ୱାସା ଜଗନ୍ନାଥ ରାଓ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ବୈକୁଣ୍ଠ ମେହେର, ତ୍ରିଲୋଚନ ବେହେରା, ଘଡ଼ିଗୋପାଳ ପାଣିଗ୍ରାହୀ, ବଲ୍ଲଭ ଭୋଇ, ରାଜେଶ ପାଣ୍ଡେ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ବିଜେପୁର ଓକିଲ ସଂଘ ବରିଷ୍ଠ ସଭ୍ୟ ରାମପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନରେ ସମସ୍ତ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିବା ବିଜେପୁର ପ୍ରତିନିଧି ସୂଚନା ଦେଇଛନ୍ତି। ଲାଲବିହାରୀ ସାହୁ ସଭାପତି, ସନତ କୁମାର ସିଂ ଗଡ଼ତୀୟା ଉପସଭାପତି, ଅଶୋକ କୁମାର ମାହାଣା ସମ୍ପାଦକ, ଅରବିନ୍ଦ ପ୍ରଧାନ ସହ ସମ୍ପାଦକ, ସୁଶାନ୍ତ ବାରିକ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି।

## ୬ ବର୍ଷ ଧରି ଲିଫ୍ଟ ପଏଣ୍ଟ ଅଚଳ, ମାଡୁନି ଜମିକୁ ପାଣି

ଅମରପାଲି,୧୨।୧୨ (ଡି.ଏନ.ଏ)

ଗତ ୬ ବର୍ଷ ଧରି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଅମରପାଲି ଗ୍ରାମରେ ଥିବା ଲିଫ୍ଟ ପଏଣ୍ଟ ଅଚଳ ହୋଇ ପଡିଛି । ଫଳରେ ଜମିକୁ ପାଣି ମାଡୁ ନ ଥିବାରୁ ଚାଷ କାର୍ଯ୍ୟ ବ୍ୟାହତ ହେଉଛି । ବ୍ଲକର ଉପାନ୍ତ ଅମରପାଲି ଏକ ଅଣଜଳସେଚିତ ଅଞ୍ଚଳ। ଉକ୍ତ ଗ୍ରାମରେ ଜଳସେଚନ ପାଇଁ ଗତ ୬ବର୍ଷ ପୂର୍ବେ ଲିଫ୍ଟ ପଏଣ୍ଟ କରାଯାଇଥିଲା। ଏଥିପାଇଁ ବିଦ୍ୟୁତ ସଂଯୋଗ ଓ ମୋଟର ଲଗାଯାଇଥିଲା। ଏପରି କି ଜମିକୁ ପାଣି ମଡାଇବା ପାଇଁ ପାଇପ ବିଛା ହୋଇଥିଲା । ମାତ୍ର ଦିନେ ବି ଉକ୍ତ ପାଇପ ଦେଇ ଜଳସେଚନ କରାଯାଇନାହିଁ । କାରଣ ନିମ୍ନମାନର ପାଇପ ବ୍ୟବହାର ହୋଇଥିବାରୁ ତାହା ସଙ୍ଗେ ସଙ୍ଗେ ଫାଟି ଯାଇଥିଲା। ସେହିପରି ମୋଟର ଚୋରି ହୋଇଯାଇଛି । ଏ ନେଇ ଗ୍ରାମର ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ତାହା ମରାମତି କରାଯାଉ ନାହିଁ କି ନୂତନ ପାଇପ ଲଗାଯାଉନାହିଁ । ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ ପଞ୍ଚାୟତ ସମିତି ବୈଠକରେ ମଧ ବିଭିନ୍ନ ସମୟରେ ଏ ନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ କୌଣସି ସୁଫଳ ମିଳିନାହିଁ । ଉକ୍ତ ଲିଫ୍ଟ ପଏଣ୍ଟ କାର୍ଯ୍ୟକ୍ଷମ ହେଲେ ଅମରପାଲି ଗ୍ରାମର ପ୍ରାୟ ୫୦ ଜଣ ଚାଷୀଙ୍କ ୨୦୦ ଏକର ଚାଷ ଜମିକୁ ଜଳସେଚନ ହୋଇପାରିବ । ଏବେ ଜଳସେଚନ ହେଉ ନ ଥିବାରୁ ଧାନ ଚାଷ ଠିକରେ ହୋଇପାରୁ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି । ଯଥାଶୀଘ୍ର ଲିଫ୍ଟ ପଏଣ୍ଟକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି ।

# ୨୪ ପଞ୍ଚାୟତକୁ ମିଳିନି ଫସଲ ବୀମା ସହାୟତା

ଦେଓଗାଁ,୧୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୨୬ ପଞ୍ଚାୟତର ଚାଷୀମାନେ ୨୦୧୯ରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଅନ୍ତର୍ଭୁକ୍ତ ହୋଇଥିଲେ। ସରକାର ମରୁଡି ଘୋଷଣା କରିବା ପରେ ସମସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ମିଳିବା ଆଶା ଉଜ୍ଜୀବିତ ହୋଇଥିଲା । ହେଲେ ବ୍ଲକର ମାତ୍ର ୨ଟି ପଞ୍ଚାୟତର ଚାଷୀଙ୍କୁ ବୀମା କମ୍ପାନୀ ସହାୟତା ରାଶି ପ୍ରଦାନ କରି ବାକି ପଞ୍ଚାୟତକୁ ଅଣଦେଖା କରିଛି। କୁତୁର୍ଲା ପଞ୍ଚାୟତର ୫ଗାଁ ଓ ହାତୀସରା ପଞ୍ଚାୟତର ୨ ଗାଁର ୪୩୦ରଣୀ ଚାଷୀଙ୍କୁ ୧କୋଟି ୧୮ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ତେବେ ବାକି ୨୪ପଞ୍ଚାୟତର ଚାଷୀ ଏହି ସହାୟତା ପାଇବାରୁ ବଞ୍ଚିତ ରହିଛନ୍ତି । ଉକ୍ତ ଦାବିକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ତଥା ଆନ୍ଦୋଳନ କରିବା ପରେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ୭ଦିନ ମଧ୍ୟରେ ସରକାର ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ବ୍ଲକ କୃଷକ ମହାମଞ୍ଚର ଆବାହକ ଶ୍ୟାମ ସୁନ୍ଦର ଦାଶ ଚେତାବନୀ ଦେଇଛନ୍ତି। ୨୦୧୯ ଖରିଫ ଋତୁରେ ଦେଓଗାଁ ବ୍ଲକରେ ମରୁଡି ହୋଇଥିଲା । କେବଳ କୁତୁର୍ଲା ଓ ହାତିସରା ପଞ୍ଚାୟତକୁ କେମିତି ମରୁଡି କ୍ଷତିଗ୍ରସ୍ତ ସହାୟତା ରାଶି ପ୍ରଦାନ କରାଗଲା ବୋଲି ମହାମଞ୍ଚ ପ୍ରଶ୍ନ କରିଛି। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ



ବିଧାନ ଚନ୍ଦ୍ର ପାଣିଗ୍ରାହୀ



ଗଦାଧର ନେଗୀ

ସୋନପୁର,୧୨।୧୨(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ ଫଳାଫଳ ଶନିବାର ଆନୁଷ୍ଠାନିକ ଭାବେ ଘୋଷଣା ହୋଇଛି । ଏଥିରେ ସଭାପତି ଭାବେ ବିଧାନ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ରବୀନ୍ଦ୍ର କୁମ୍ଭାର, ସମ୍ପାଦକ ଗଦାଧର ନେଗୀ, ଯୁଗ୍ମ ସମ୍ପାଦକ ହରିକୃପା ତ୍ରିପାଠୀ ଓ ରଶ୍ମି ରଞ୍ଜନ ଦାଶ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋଜ କୁମାର ବିଶି, ରତନ କୁମାର ପଟ୍ଟନାୟକ, ଅରବିନ୍ଦ ପୂଜାହାରୀ ଓ ଦାସଦୀପ୍ତ ମହାପାତ୍ର ପ୍ରମୁଖ ନିର୍ବାଚିତ ହୋଇଥିବା ଜଣାପଡିଛି। ବରିଷ୍ଠ ଆଇନଜୀବୀ ଚମ୍ପେଶ୍ୱର ଥନାପତି ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବିଧାନ ଚନ୍ଦ୍ର ପାଣିଗ୍ରାହୀ ଏହାକୁ ମିଶାଇ ଓକିଲ ସଂଘର ଷଷ୍ଠ ଥର ସଭାପତି ଓ ଗଦାଧର ଦ୍ୱିତୀୟ ଥର ସମ୍ପାଦକ ହୋଇଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ ନୂତନ କୋଠା ଉଦ୍‌ଘାଟିତ

ଜୁନାଗଡ଼,୧୨।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଙ୍ଗୁଡିସର ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ଶନିବାର ଉଦ୍‌ଘାଟିତ ହୋଇଛି। ସରପଞ୍ଚ ତିଳକର ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଜୁନାଗଡ଼ ବିଧାୟକ ତଥା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି କଳାହାଣ୍ଡି ଜିଲାପାଳ ଡ଼. ଗାଭାଲି ପରାଗ ହର୍ଷଦ, ଧର୍ମଗଡ଼ ଉପଜିଲାପାଳ ଟି.ଏସ. ଦିବାକର, ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି, ବିଡିଓ ଦୁଲାରାମ ମାରାଣ୍ଡି, ତହସିଲଦାର ବେଦବ୍ୟାସ ଭୋଇ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମଲ୍ଲିକ, ବିଦ୍ୟୁତ୍ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଦାଶ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ହିମାଂଶୁ ଭୂଷଣ ପୂଝାରୀ ମଞ୍ଚ ପରିଚାଳନା କରିଥିଲେ। ଏହି କୋଠା ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ପିଇଓ ପରମେଶ୍ୱର ନାଏକ ଓ ଜିଆରଏସ ଆଶୁତୋଷ ପଣ୍ଡା ସହଯୋଗ କରିଥିଲେ।



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଚିଙ୍ଗୁଡିସର ପଞ୍ଚାୟତ କାର୍ଯ୍ୟାଳୟ କୋଠା ଉଦ୍‌ଘାଟନ କରୁଛନ୍ତି।

**S.C.S. COLLEGE (AUTONOMOUS), PURI**

CAD-892

**ADMISSION NOTICE FOR VACANT SEATS : 2020-21**

Applications are invited for admission into the following Self-Financing Courses offered under Utkal University for the session 2020-21 (PPP).

| Course | Annual Fee | Eligibility |
|---|---|---|
| 3-Yr. BBA Bachelor of Business Administration | ₹ 15,000/- | Minimum 40% in +2 or equivalent in any stream |
| MBA Master of Business Administration | ₹ 45,000/- | ODISHA JEE 2020 Qualified |

**Scholarship :** Available for eligible SC, ST, OBC & Minority Category.

The Application Form for BBA can be obtained from the college on all working days between 11 AM -3 PM on payment of Rs. 100/- and the form duly filled in all respect should reach the Principal on or before 21.12.2020.

OIPR-11021/11/0004/2021 PRINCIPAL

7873692880, 9439616026, 9776242247, 8917663919

## ମହିଳାଙ୍କ ମୃତଦେହ ଜବତ ଘଟଣା: ହତ୍ୟା ମାମଲା ରୁଜୁ

ବରଗଡ଼ ଅଫିସ,୧୨।୧୨: ବରଗଡ଼ ସହର ଉପକଣ୍ଠ ତୋରା ସୂତାମିଲ ଛକସ୍ଥିତ ଏକ ପଡ଼ା (ସାହି)ର ଭଡ଼ାଘରୁ ଶୁକ୍ରବାର ମହିଳାଙ୍କ ମୃତଦେହ ଜବତ ଘଟଣାରେ ସ୍ଥାନୀୟ ଟାଉନ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୫୧୩/୨୦) ରୁଜୁ କରିଛି । ଏହାସହିତ ମୃତା ମହିଳା ଜ୍ୟୋତ୍ସ୍ନା ବରେଇ(୨୯)ଙ୍କ ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ ପୋଲିସ ପଚରାଉଚୁରା କରୁଛି। ମାମଲାର ତଦନ୍ତ ଚାଲିଛି ଏବଂ ଅତିଶୀଘ୍ର ଏହାର ପର୍ଦ୍ଦାଫାସ ହେବ ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି । ପ୍ରକାଶଥାଉକି, ଶୁକ୍ରବାର ଟାଉନ ଥାନା ପୋଲିସ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରିଥିଲା ଏବଂ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଆରମ୍ଭରୁ ତାହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରିଥିଲା ଏବଂ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ଛାନଭିନ୍ କରିଥିଲା ।

# ମହିଳାଙ୍କୁ ଠକି ଥିବା ଅଭିଯୁକ୍ତଙ୍କୁ ଗିରଫ ଦାବି





ମହିଳାମାନେ ସୁବର୍ଣ୍ଣପୁର ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି ।

ସୋନପୁର,୧୨।୧୨(ନି.ପ୍ର.): ସୁବର୍ଣ୍ଣପୁର ଜିଲାର ଶତାଧିକ ମହିଳାଙ୍କୁ ଚାକିରୀ ଓ ରୋଜଗାରର ପ୍ରଲୋଭନ ଦେଖାଇ ରଶ୍ମି ଇଣ୍ଡଷ୍ଟ୍ରି ଓ କନସଲଟାନ୍ସି ସର୍ଭିସ୍ ନାମକ ଏକ ସଂସ୍ଥା ଲକ୍ଷାଧିକ ଟଙ୍କା ଠକି ନେଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ମହିଳାଙ୍କ ଟଙ୍କା ଫେରସ୍ତ ଦାବିରେ ଶନିବାର କ୍ଷତିଗ୍ରସ୍ତ ମହିଳାମାନେ ସୁବର୍ଣ୍ଣପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜ୍ୟୋତିର୍ମୟୀ ରଥଙ୍କ ନେତୃତ୍ୱରେ ମୋନାଲିସା ଶତପଥୀ, କଳ୍ପନା ନାଏକ, ପାଞ୍ଚାଳିଖଣ୍ଡାୟତ, ପିଙ୍କି ଭୋଇ, ସୁମିତ୍ରା ରଣା ଓ କନକ ତାଣ୍ଡି ପ୍ରମୁଖ ଧାରଣାରେ ବସିଥିଲେ। ପ୍ରକାଶ ଯେ, ମୋନାଲିସା ଶତପଥୀ ଓ ଅନ୍ୟ କ୍ଷତିଗ୍ରସ୍ତ ମହିଳାଙ୍କ ପକ୍ଷରୁ ସୋନପୁର ଥାନାରେ ଗତ ସେପ୍ଟେମ୍ବର ୨୭ ତାରିଖରେ ଠକାମି ସମ୍ପର୍କରେ ଲିଖିତ ଅଭିଯୋଗ କରା ଯାଇଥିଲା। ପୋଲିସ ସଂସ୍ଥାର ମାଲିକ ବିନୋଦ କୁମାର ଜେନାଙ୍କ ସମେତ ୫ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଠକସଂସ୍ଥା ସହରର ପଟାଭାଡିଠାରେ ଏକ ଅଫିସ ଖୋଲି ମହିଳାଙ୍କୁ ସିଲାଇ ମେସିନ୍, ଗ୍ରାଇଣ୍ଡର, କଞ୍ଚାମାଲ ହଳଦୀ ଓ ମସଲା ଯୋଗାଇ ଦେବ କହି ୧୦ରୁ ୨୦ ହଜାର ଟଙ୍କା ଲେଖାଏ ଠକି ନେଇଥିବା ଅଭିଯୋଗ ହୋଇଛି। ତେବେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗକାରୀମହିଳାମାନେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି ।















## ଘର ଭାଙ୍ଗିଲେ, ଫସଲ ଖାଇଲେ ହାତୀପଲ

ବେଲପଡା, (ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ଏକ ଦଳରେ ଥିବା ୩୫ଟି ହାତୀ ବ୍ଲକ ଅଧୀନ ନୁନହାଡ, ସରମୁହାଣ, ତଅଁଲାରେ ବ୍ୟାପକ ଫସଲ ନଷ୍ଟ କରିଥିବା ବେଳେ କେତେକଙ୍କ ଘର ଭାଙ୍ଗି ଦେଇଛନ୍ତି। ଲୋକେ ବାଣ ବାଜା ବଜାଇ ହାତୀପଲ ଘଉଡାଇବାକୁ ଉଦ୍ୟମ କରୁଛନ୍ତି। ବନ ବିଭାଗର ମୋବାଇଲ ସ୍କ୍ୱାଡ ଘଉଡାଇବା ବ୍ୟବସ୍ଥା କରିଥିଲେ ମଧ୍ୟ ହାତୀମାନେ ଅଂଲାଭଟା ଗ୍ରାମର ଡ୍ୟାମ ପାଖାପାଖି ଅଞ୍ଚଳରେ ରହିଛନ୍ତି।

# ଟୋକନ୍ ଆସିନି, ଧାନ ଧରି ବସିଛନ୍ତି ଚାଷୀ

ସୋନପୁର,୧୨।୧୨(ନି.ପ୍ର.)

### ୨୧ଦିନରେ ଧାନ ବିକିଛନ୍ତି ୭୭୭୨ ଚାଷୀ

ସୁବର୍ଣ୍ଣପୁର ଜିଲାରେ ଧାନ କିଣା ଆରମ୍ଭ ହେବାର ଇତିମଧ୍ୟରେ ୨୨ ଦିନ ବିତିଲାଣି। ୫୭ଟି ପ୍ୟାକ୍ସ ଓ ୩୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହିଁ ଧାନ କିଣା ଆରମ୍ଭ କରିଛନ୍ତି। ଅନ୍ୟ ୫ଟି ପ୍ୟାକ୍ସ ଓ ୬ ମହିଳା ଏସ୍ଏଚ୍‌ଜି ପକ୍ଷରୁ ଧାନ କିଣା ଆରମ୍ଭ ହୋଇନି। ପଞ୍ଜୀକୃତ ଚାଷୀଙ୍କ ଅନଲାଇନ୍ ଟୋକନ୍ ଆସି ନ ଥିବାରୁ ଚାଷୀ ଧାନ ଅମଳ କରି ବିକ୍ରି କରି ପାରୁନାହାନ୍ତି। ନଭେମ୍ବର ୨୦ ତାରିଖରୁ ଖରିଫ ଧାନକିଣା ଆରମ୍ଭ ହୋଇଛି । ଜିଲାରେ ମୋଟ ୧୦୫ଟି ମଣ୍ଡି ଖୋଲିଛି । ଧାନ ବିକ୍ରି ପାଇଁ ୫୫ହଜାର ୭୦୨ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ସେଥି ମଧ୍ୟରୁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୭୭୭୨ ଜଣ ଚାଷୀ ୬ଲକ୍ଷ ୧୦ହଜାର ୧୮୮କ୍ୱିଣ୍ଟାଲ ଧାନ ୮୯ଟି ମଣ୍ଡିରେ ବିକ୍ରି କରିଛନ୍ତି ।

ଧାନ ବିକ୍ରି ଅନ୍ୟବର୍ଷ ତୁଳନାରେ ମନ୍ଥର ଗତିରେ ଚାଲିଛି । ୧୬ଟି ମଣ୍ଡିରେ ଏଯାଏ ଧାନ କ୍ରୟ ଆରମ୍ଭ ହୋଇନି। ଅନଲାଇନ୍ ଟୋକନ୍ ବ୍ୟବସ୍ଥା ବାଧକ ସାଜିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଯେଉଁ ଚାଷୀ ଧାନ ଅମଳ କରିଛନ୍ତି ସେମାନେ ମଣ୍ଡିରେ ବିକ୍ରି କରି ପାରୁନାହାନ୍ତି । ବିଳମ୍ବରେ ଧାନ ବିକ୍ରି ପାଇଁ ଅଧିକାଂଶ ଚାଷୀଙ୍କୁ ଟୋକନ୍ ମିଳିଛି । ଝିଅ ବାହାଘର ଓ ଋଣ ଶୁଝିବା ପାଇଁ ଟଙ୍କା ଆବଶ୍ୟକ ଥିବାରୁ ଚାଷୀମାନେ କମ୍ ଦରରେ ଅସାଧୁ ବ୍ୟବସାୟୀଙ୍କୁ ଧାନ ବିକ୍ରି କରୁଛନ୍ତି । ମଣ୍ଡିକୁ ନ ଯାଇ ବଡ ଚାଷୀ ଓ ବ୍ୟବସାୟୀଙ୍କ ଧାନ ଟ୍ରକ୍ ମିଲ୍‌ରେ ପଶୁଛି। ଚାଷୀ ପ୍ରକୃତ ମୂଲ୍ୟ ନ ପାଇ କ୍ଷତି ସହୁଛି। ଗତବର୍ଷ ଭଳି ରାଜ୍ୟସ୍ତରୀୟ ଅନଲାଇନ୍ ଟୋକନ୍ ବ୍ୟବସ୍ଥା(ଅଟୋମେଟିକାଲି ଟୋକନ ଜେନେରେଟେଡ୍ ସିଷ୍ଟମ)ରେ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ସରକାର ଧାନ କିଣୁଛନ୍ତି। ଗତବର୍ଷ ଠାରୁ ଅଧିକ ୮ହଜାର ଚାଷୀ ଧାନ ବିକିବା ପାଇଁ ପଞ୍ଜୀକରଣ କରିଛନ୍ତି । ଏହି ଜିଲାରୁ ୬୨ଟି ପ୍ୟାକ୍ସ, ୩୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୪୧ ମିଲର୍ସ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜିଲାରୁ ୨୩ଲକ୍ଷ ୫ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ଦିଆଯାଇଛି। ତେବେ ଅଧିକାଂଶ ଚାଷୀଙ୍କ ଟୋକନ୍ ଆସି ନ ଥିବାରୁ ପ୍ୟାକ୍ସ ଓ ଏସଏଚ୍‌ଜି ପକ୍ଷରୁ ଅମଳ ଧାନ ଏଣ୍ଟ୍ରି ହୋଇପାରିନି । ଧାନ ବିକ୍ରି କରିବା ପାଇଁ ଚାଷୀଙ୍କୁ ଶୀତ କାକରରେ ଅପେକ୍ଷା କରିବାକୁ ପଡୁଛି। ଜଳସେଚିତ ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ସମେତ ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଭଳି ଅଣଜଳସେଚିତ ବ୍ଲକ ଅଞ୍ଚଳରେ ସମାନ ଅବସ୍ଥା। ଧାନ ବିକ୍ରି ହେବାରେ ବିଳମ୍ବ ହେଉଥିବାରୁ ଋଣ ଟଙ୍କା ଶୁଝିବା ପାଇଁ ଚାଷୀଙ୍କ ଉପରେ ଚାପ ପଡୁଛି । ଏପରି କି ରବି ଧାନ ଚାଷ ପାଇଁ ଏବେ ହୀରାକୁଦ କମାଣ୍ଡ ଏରିଆରେ ବିନିକା ଓ ଡୁଙ୍ଗୁରିପାଲି ବ୍ଲକକୁ କେନାଲ ପାଣି ଆସିବ। ଚାଷୀ କେବେ ଧାନ ବିକ୍ରି କରିବ ଓ ସେହି ଟଙ୍କାରେ ହଳ କରି ତଳି ପକାଇବ ଚିନ୍ତାରେ ଅଛି । ଅନ୍ୟପକ୍ଷେ ଚାଷୀ ଧାନ ବିକ୍ରି କରିବାର ୧୦ ଦିନ ପରେ ବି ଟଙ୍କା ପାଉନି। ସିଂଘିଝୁବା ଅଞ୍ଚଳର ଚାଷୀ କୁମର ଧରୁଆ ଓ ବିପ୍ଳବ ରଞ୍ଜନ ଦାଶ ଗତ ୧ ତାରିଖରୁ ଧାନ ବିକ୍ରି କରିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ତାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇନି। ସେହିପରି ମିଲର୍ସ ମାନେ ମଣ୍ଡିକୁ ଅଧିକ ସଂଖ୍ୟକ ଗାଡି ପଠାଉ ନ ଥିବାରୁ ଧାନ କିଣା ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ସୂପକାର କୁହନ୍ତି ପର୍ଯ୍ୟାୟ କ୍ରମେ ଧାନ ବିକ୍ରି କରିବା ପାଇଁ ଚାଷୀଙ୍କ ନିକଟକୁ ଟୋକନ୍ ଆସିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କ ଧାନ ସରକାର କିଣିବେ। ବାହାର ଜିଲାରୁ ଅଧିକ ମିଲର୍ସ ଆସିଲେ ଧାନ କ୍ରୟ ଆହୁରି ତ୍ୱରାନ୍ୱିତ ହେବ ।

## ସଂକ୍ଷେପରେ

### ରାସ୍ତା କାମ କରି ମଜୁରି ପାଇନାହାନ୍ତି ଶ୍ରମିକ

ଲୋଇସିଂହା,୧୨।୧୨(ଡି.ଏନ.ଏ.)
ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲରୁ ସୁବର୍ଣ୍ଣପୁର ଜିଲା ଛକରୋମାଲ ଆର୍‌ଡି ରାସ୍ତାକୁ ସଂଯୋଗ ଲାଗି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ହାତକୁ ନିଆଯାଇଛି । ୫ଲକ୍ଷ ବ୍ୟୟ ଅଟକଳରେ ଉକ୍ତ ରାସ୍ତାରେ ମାଟି କାମ କରାଯାଉଛି । ଏହି କାମରେ ବାଦିବାହାଲ ଗାଁର ଜବ୍‌କାର୍ଡଧାରୀ ଦିଲୀପ ନାଗ, ଚକ୍ରଧର ନାଗ, ରଣକାନ୍ତି ବାଦି, ନାଟୁଆ ବାଦି, ରୁଦ୍ର ତାଣ୍ଡି, ସୁଧୀର ତାଣ୍ଡି, ଭଗବାନ ତାଣ୍ଡି, ରଘୁ ନାଗ ଆଦି ୨୦ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ । ସେମାନେ ୫୦ରୁ ଅଧିକ ପିଟ୍ ମାଟି ବୋହିଥିବା ବେଳେ ୧୦ରୁ ୧୨ ପିଟ୍ ମାଟିକାମର ପ୍ରାପ୍ୟ ସେମାନଙ୍କୁ ମିଳିଛି। ବାକି କାମର ପ୍ରାପ୍ୟ ୨ମାସ ହେଲା ସେମାନଙ୍କୁ ମିଳି ନାହିଁ। ଏପରି କି ପ୍ରକଳ୍ପରେ କାମ କରି ନ ଥିବା କେତେଜଣଙ୍କ ବ୍ୟାଙ୍କଖାତାରେ ଟଙ୍କା ଜମା ହୋଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ସେମାନେ ୨ ମାସ ହେଲା କାମ ବନ୍ଦ କରିଥିବା କହିଛନ୍ତି। ପିଇଓ ପ୍ରହ୍ଲାଦ ବେହେରାଙ୍କୁ ପଚାରିବାରୁ ନିକଟରେ ଜିଆରଏସ୍ ବହିଷ୍କୃତ ହୋଇଛନ୍ତି। କେଉଁ ପରିସ୍ଥିତିରେ ପ୍ରାପ୍ୟ ବାକି ରହିଛି ବ୍ଲକ ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

### ଟିଟିଲାଗଡ ବାର୍ ନିର୍ବାଚନ: ପ୍ରଭାସ ସଭାପତି, ମହେଶ ସମ୍ପାଦକ

ଟିଟିଲାଗଡ଼,୧୨।୧୨(ଡି.ଏନ.ଏ.)
ବଲାଙ୍ଗୀର ଜିଲା ଟିଟିଲାଗଡ଼ ବାର୍ ଆସୋସିଏଶନର ନିର୍ବାଚନ ଶନିବାର ସମ୍ପନ୍ନ ହୋଇଛି। ବରିଷ୍ଠ ଆଇନଜୀବୀ ପ୍ରଭାସ ବହିଦାର ସଭାପତି ତଥା ଶ୍ୟାମାପ୍ରସାଦ ଗରିଆ ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଡମ୍ବରୁଧର କର୍ମୀ ଘୋଷଣା କରିଛନ୍ତି। ସମ୍ପାଦକ ପଦ ପାଇଁ ଅନୁଷ୍ଠିତ ନିର୍ବାଚନରେ ମହେଶ ମହାନ୍ତି ୮୦ଟି ଭୋଟ ପାଇ ବିଜୟୀ ହୋଇଛନ୍ତି। ପ୍ରତିଦ୍ୱନ୍ଦ୍ୱୀ କାର୍ତ୍ତିକେଶ୍ୱର ଛତର ୪୭ଖଣ୍ଡ ଭୋଟ ପାଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଛି। ନିର୍ବାଚନରେ ମୋଟ ୧୨୮ ଜଣ ସଦସ୍ୟ ଆଇନଜୀବୀ ଭାଗ ନେଇଥିଲେ।

### ଫସଲ ଉଜାଡିଲେ ହାତୀପଲ

ଲାଠୋର, ୧୨।୧୨(ଡି.ଏନ.ଏ.)
ବଲାଙ୍ଗୀର ଜିଲା ଲାଠୋର ବନାଞ୍ଚଳ ଅଧୀନ ଧଉରାଖମନ ଗ୍ରାମର ବହୁ ଚାଷୀଙ୍କ ଧାନ, ଆଖୁ, ପରିବା ଫସଲ ହାତୀ ଉପଦ୍ରବ ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଗାଁର କ୍ଷୁଦ୍ର ଚାଷୀ ରଏବାରୁ ପୁଟେଲ, ଭୁଲା ପୁଟେଲ, ଜୁଗଲ ପୁଟେଲଙ୍କ ଧାନ ଓ ପରିବା ଚାଷକୁ ହାତୀପଲ ଉଜାଡି ଦେଇଛନ୍ତି। ଏଥିସହିତ ବିଲରେ ଥିବା ସେମାନଙ୍କ ଘରକୁ ହାତୀମାନେ ଭାଙ୍ଗି ପକାଇଛନ୍ତି। ସେହିପରି ମୁକୁନ୍ଦ ଧରୁଆ, ପୀତାମ୍ବର ମାଝୀଙ୍କ ଖଳାରେ ଥିବା ଅମଳ ଧାନକୁ ହାତୀପଲ ଖାଇ ଦେଇଛନ୍ତି। ଗଜ ପୁଟେଲ, ଲକ୍ଷ୍ମଣ ପୁଟେଲ, ଲଳିତ ପୁଟେଲ, ସୁରେଶ ବାଗ, ତ୍ରିନାଥ ମାଝୀ, ହିରାଲାଲ ଧରୁଆ, ଇନ୍ଦ୍ର ସମରଥ, ଦ୍ରୋଣ ମାଝୀ, ପବନ ମାଝୀ, ଚଞ୍ଚଳ ମାଝୀ, ମସ୍ତରାମ ମାଝୀ, ଚତୁର୍ଭୁଜ ମାଝୀ, ମୁରଲୀ ମାଝୀଙ୍କ କ୍ଷେତରେ ଥିବା ଧାନ ଫସଲ ନଷ୍ଟ ହୋଇଛି। ହାତୀ ଉପଦ୍ରବରେ ବେଦ ମାଝୀଙ୍କ ଧାନ ଏବଂ ଆଖୁ ଚାଷ ନଷ୍ଟ ହୋଇଛି। ଚାଷୀ ସୁକଦେବ ମାଝୀଙ୍କ ୧୦ପ୍ୟାକେଟ ଅମଳ ଧାନ ଖାଇ ଯାଇଛନ୍ତି ହାତୀପଲ। ଏନେଇ ଲାଠୋର ବନାଞ୍ଚଳ ଅଧିକାରୀ ପ୍ରଭାତୀ ସେଠଙ୍କୁ ପଚାରିବାରୁ କ୍ଷୟକ୍ଷତି ଆକଳନ କରି ଡିଭିଜନାଲ ଅଫିସକୁ ପଠାଯିବ । ପରେ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।

### ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍: ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ପାଟଣାଗଡ଼, ୧୨।୧୨ (ଡି.ଏନ.ଏ.):
ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅନ୍ତର୍ଗତ କୁତମୁଣ୍ଡା ଗ୍ରାମ ନିକଟରେ ଶନିବାର ସକାଳେ ବୋଲେରୋ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁନାମୁଦି ଗ୍ରାମର ସାଧୁ ସେଠ (୪୦)। ଗୁରୁତର ଅବସ୍ଥାରେ ତାଙ୍କ ସ୍ତ୍ରୀ ପୂର୍ଣ୍ଣବାସୀ ସେଠ(୩୫)ଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସାଧୁ ଏବଂ ପୂର୍ଣ୍ଣବାସୀ ସକାଳୁ ବାଇକ୍‌ରେ ପାଟଣାଗଡ଼ରୁ ଗାଁକୁ ଫେରୁଥିବା ବେଳେ କୁତମୁଣ୍ଡା କାହ୍ନା ନର୍ସରି ରାସ୍ତାରେ ଏକ ପିକ୍‌ଅପ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟେ ଛିଟିକି ରାସ୍ତାରେ ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ସାଧୁଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବାଇକ ଓ ପିକ୍‌ଅପ୍‌କୁ ଜବତ କରିଛି ।

## ସରିଲା ଲୋଇସିଂହା ଓକିଲ ସଂଘ ନିର୍ବାଚନ

ଲୋଇସିଂହା,୧୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବାର୍ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓକିଲ ଲକ୍ଷ୍ମୀନାରାୟଣ ମିଶ୍ର ନିର୍ବାଚନ ଅଧିକାରୀଭାବେ ଯୋଗଦେଇ ନବ ନିର୍ବାଚିତ ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ସର୍ବସମ୍ମତିକ୍ରମେ ରାଜକିଶୋର ବାବୁ ସଭାପତି, ଉପସଭାପତି ପ୍ରଦୀପ କୁମାର ତ୍ରିପାଠୀ, ସମ୍ପାଦକ ରାଜେନ୍ଦ୍ର ନାଏକ, ସହସମ୍ପାଦକ ଗୌରୀଶଙ୍କର ସାହୁ ଓ କୋଷାଧ୍ୟକ୍ଷ ଭାବେ ଶୁଭେନ୍ଦୁ ସାହୁ ନିର୍ବାଚିତ ହୋଇଛନ୍ତି। ୬ ଜଣିଆ କାର୍ଯ୍ୟକାରୀ କମିଟିରେ ଦିଲୀପ କୁମାର ବେହେରା, ରାଜକିଶୋର ମିଶ୍ର, ପ୍ରଶାନ୍ତ ବେହେରା, ଅଶୋକ କୁମାର ସାହୁ, କ୍ଷେତ୍ରପାଳ ସାହୁ, ଶଶାଙ୍କ ଶେଖର ଭୋଇ । ଉପଦେଷ୍ଟା ସଦସ୍ୟଭାବେ ଲକ୍ଷ୍ମୀନାରାୟଣ ମିଶ୍ର, ସୁବ୍ରତ ନାୟକ ଓ ଅଡିଟର କମିଟିରେ ରମାକାନ୍ତ ନାଏକ ଓ ସଞ୍ଜୟ ଷଡଙ୍ଗୀଙ୍କୁ ରଖାଯାଇଛି।

## ପାଣି ପାଇଁ ହଟହଟା ଖୋଲାଗଡ଼ ଗ୍ରାମବାସୀ

ଖପ୍ରାଖୋଲ, ୧୨।୧୨(ଡି.ଏନ୍.ଏ.)


ଅଚଳ ହୋଇ ପଡିରହିଥିବା ନଳକୂପ।

### ୨ମାସ ହେଲା ଅଚଳ ହୋଇପଡିଛି ୩ ନଳକୂପ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ପଞ୍ଚାୟତ ଅନ୍ତର୍ଗତ ଖୋଲାଗଡ ଗାଁରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ଗାଁରେ ଥିବା ୪ଟି ନଅକୂପରୁ ତିନୋଟି ଦୁଇମାସ ହେଲା ଅଚଳ ହୋଇପଡିଛି। ଅନ୍ୟ ନଳକୂପରେ ସୋଲାର ପମ୍ପ ଲଗାଯାଇଥିଲେ ବି ଠିକ୍‌ରେ ପାଣି ବାହାରୁନାହିଁ। ଏ ନେଇ ଗ୍ରାମବାସୀ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି ତାହା ମରାମତି ହେଉନାହିଁ । ଅନ୍ୟପକ୍ଷରେ ଗାଁରେ ଥିବା କୂଅଗୁଡିକରୁ ଭଲ ପାଣି ବାହାରୁନାହିଁ। ଗ୍ରୀଷ୍ମଋତୁରେ ପରିସ୍ଥିତି ସଙ୍ଗିନ। ଫଳରେ ଗାଁରେ ବସବାସ କରୁଥିବା ୨୫୦ରୁ ଉର୍ଦ୍ଧ୍ୱ ଲୋକେ ବର୍ଷସାରା ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନନ୍ୟୋପାୟ ହୋଇ ସେମାନେ ପୋଖରୀ ଓ ଯୋରର ଦୂଷିତ ପାଣିକୁ ପାନୀୟ ଜଳଭାବେ ବ୍ୟବହାର କରିବାକୁ ବାଧ୍ୟ ହେଉଥିବା ଗାଁର ଶ୍ୟାମସୁନ୍ଦର ବାରିକ, ସୁଶୀଲ ପଧାନ, ଉପ ବରିହା, ଉଗ୍ରସେନ ପରୁଆ ପ୍ରମୁଖ ଅଭିଯୋଗ କରିଛନ୍ତି। ବ୍ଲକ ସଦର ମହକୁମାଠାରୁ ଏହି ଗାଁର ଦୂରତା ପ୍ରାୟ ୪୭କି.ମି। ଅବସ୍ଥିତି ଦୃଷ୍ଟିରୁ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଉଥିବା ଏହି ଗାଁକୁ ଏବେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଦ୍ୱାରା ସଂଯୋଗ ହୋଇଛି। ତଥାପି ଅନେକ ମୌଳିକ ସୁବିଧା ପାଇବାରୁ ଗ୍ରାମବାସୀ ବଞ୍ଚିତ ରହିଛନ୍ତି। ପାନୀୟ ଜଳାଭାବ ନେଇ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ ନଳକୂପ ଅଚଳ ନେଇ ମୋ ପାଖରେ କୌଣସି ଖବର ନାହିଁ। ତେବେ ବିଭାଗୀୟ କର୍ମଚାରୀଙ୍କୁ ପଠାଇ ଯୁଦ୍ଧକାଳୀନଭିତ୍ତିରେ ନଳକୂପ ମରାମତି କରାଯିବ ବୋଲି ସେ କହିଛନ୍ତି।

## ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଶିକ୍ଷୟିତ୍ରୀ ବହିଷ୍କୃତ

ଖଡିଆଳ, ୧୨।୧୨ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ କୁସମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାଲ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଶିକ୍ଷୟିତ୍ରୀ ଜ୍ୟୋତିରେଖା ଦାସଙ୍କୁ ଡିଇଓ ବହିଷ୍କୃତ କରିଛନ୍ତି। ଗତ ୨୦୧୮ରୁ ଶିକ୍ଷୟିତ୍ରୀ ଭାବେ ଚାକିରି କରିଆସୁଥିଲେ। ସେ ମହିଶୁର ୟୁନିଭର୍ସିଟିର ବିଇଡି ସାର୍ଟିଫିକେଟ ଦେଇ ଚାକିରି କରୁଥିଲେ। ଏ ନେଇ ଶିକ୍ଷା ବିଭାଗ ଓ ନୂଆପଡା ଜିଲାପାଳ ସ୍ୱଧାଦେବ ସିଂ ତଦନ୍ତ କରିବା ପରେ ମହିଶୁର ବିଇଡି ସାର୍ଟିଫିକେଟ ଜାଲ ବୋଲି ଜଣାପଡିଥିଲା। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଡିଇଓ ଲକ୍ଷ୍ମଣ କୁମାର ଭୋଇ ଶିକ୍ଷୟିତ୍ରୀ ଦସଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି । ଏହିଭଳି ନୂଆପଡା ଜିଲାରେ ଶହ ଶହ ଶିକ୍ଷୟିତ୍ରୀ, ଶିକ୍ଷକ ଜାଲ ସାର୍ଟିଫିକେଟ ଦେଇ ଚାକିରି କରୁଥିବା ବେଳେ ଜିଲା ପ୍ରଶାସନ ତଥା ଶିକ୍ଷା ବିଭାଗ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

## ଧାରଣା ପାଇଁ ପ୍ରଶାସନକୁ ଜଣାଇଲେ ଚାଷୀ

ଜାମଟିକ୍ରା, ୧୨।୧୨ (ଡି.ଏନ.ଏ)

ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇଛି ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ। ଆସନ୍ତା ୧୪ତାରିଖରେ ସଙ୍ଗଠନର ଅତାବିରା ଶାଖା ପକ୍ଷରୁ ତହସିଲ ଅଫସ ସମ୍ମୁଖରେ ଧାରଣା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସଙ୍ଗଠନର ଅତାବିରା ବ୍ଲକ ସଭାପତି କୌସ୍ତୁଭ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ଏହା ସହିତ ଅଞ୍ଚଳର ଚାଷୀ ସମସ୍ୟା ଉପରେ ମଧ୍ୟ ବିଶଦ ଆଲୋଚନା କରିଛନ୍ତି । ୨୦୧୭-୧୮ ଆର୍ଥିକ ବର୍ଷରେ ଅନେକ ଚାଷୀ ଇନ୍‌ପୁଟ୍ ସବ୍‌ସିଡି ପାଇନାହାନ୍ତି। ଅନ୍‌ଲାଇନ ମାଲଗୁଜାରୀ ଦେୟ ଦ୍ୱାରା ଚାଷୀମାନେ ବିଶେଷ ହଇରାଣ ହେଉଛନ୍ତି। ଏଣୁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ମାଲଗୁଜାରୀ ଗ୍ରହଣ କରାଯାଉ ବୋଲି ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ତହସିଲଦାର ଭୋଇ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସରକାରଙ୍କୁ ଜଣାଇବେ ବୋଲି କହିଥିଲେ। ଏହି ସମୟରେ ଚାଷୀ ସଙ୍ଗଠନର ସୁବାସ ବିଶ୍ୱ, ରବୀନ୍ଦ୍ର ବିଶି, ସୁରେନ୍ଦ୍ର ସ୍ୱାଇଁ, ବୀରେନ୍ଦ୍ର କର, ସୁଜିତ ପଧାନ, ଅରୁଣ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବୁଧୁରାମଙ୍କୁ ମିଳିନି ଭିନ୍ନକ୍ଷମ ଭତ୍ତା

ଲୋଇସିଂହା, ୧୧।୧୨(ଡି.ଏନ.ଏ)


ଭିନ୍ନକ୍ଷମ ବୁଧୁରାମ ଭୁଏ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ସୁଦାମପାଲିର ବୁଧୁରାମ ଭୁଏ(୪୮)। ଜନ୍ମରୁ ସେ ଭିନ୍ନକ୍ଷମ। ଡାହାଣ ଗୋଡ଼ ପୋଲିଓ ଗ୍ରସ୍ତ। ବାପା ଦୁର୍ଜନ ଭୁଏଙ୍କ ପରଲୋକ ହୋଇଯାଇଛି। ବଡଭାଇ ପରିବାର ସହ ବାହାରେ ରହୁଛନ୍ତି। ଏବେ ସେ ବିଧବା ମା’ ବୈଦେହୀ ଓ ସ୍ତ୍ରୀ ଚଞ୍ଚଳାଙ୍କ ସହ ଗାଁରେ ରହୁଛନ୍ତି। ଜମିବାଡି ବୋଲି କିଛି ନାହିଁ। ପଞ୍ଚାୟତ ପକ୍ଷରୁ ମିଳିଥିବା ରାଶନ କାର୍ଡରେ ସେ ପିଡିଏସ୍ ସାମଗ୍ରୀ ପାଉଛନ୍ତି। ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ତାଙ୍କୁ ଏ ଯାଏ ଭତ୍ତା ଯୋଜନାରେ ସାମିଲ କରାଯାଇନାହିଁ। ଭତ୍ତା ପାଇଁ ପଞ୍ଚାୟତରୁ ବ୍ଲକ ଅଫିସ ଯାଏ ଧାଇଁ ସେ ନୟାନ୍ତ ହେଲେଣି ସିନା କୌଣସି ସୁଫଳ ମିଳୁନାହିଁ। ତେଣୁ ଜୀବନ ଜୀବିକା ଲାଗି ମୂଲମଜୁରି କରି ପରିବାର ପରିପୋଷଣ କରୁଛନ୍ତି। ବ୍ଲକ ପରିସରରେ ହେଉଥିବା ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଯାଇ ସେ ଦୁଃଖ ଜଣାଉଥିଲେ ବି ଭତ୍ତା ପାଇବା ଦୂରେ ଥାଉ ଆଶା ବାଡିଟିଏ ମଧ୍ୟ ମିଳୁ ନ ଥିବା କ୍ଷୋଭର ସହ କହିଛନ୍ତି ବୁଧୁରାମ। ଏ ସମ୍ପର୍କରେ ସରପଞ୍ଚ ଉର୍କୁଳୀ ଧରୁଆଙ୍କୁ ପଚାରିବାରୁ ବୁଧୁରାମଙ୍କ ପାଖରେ ଭିନ୍ନକ୍ଷମ ପ୍ରମାଣପତ୍ର ନାହିଁ। ତେଣୁ ଭତ୍ତା ଯୋଜନାରେ ସାମିଲ କରିବାକୁ ଆମେ ଆଗ୍ରହୀ ଥିଲେ ମଧ୍ୟ ଉପାୟଶୂନ୍ୟ ବୋଲି ସେ କହିଛନ୍ତି। ବ୍ଲକ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

## ପ୍ରବୀଣ ସଭାପତି, ବାସୁଦେବ ସମ୍ପାଦକ

ବଲାଙ୍ଗୀର ଅଫିସ,୧୨।୧୨

### ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

୨୦୨୦-୨୧ ବର୍ଷ ପାଇଁ ବଲାଙ୍ଗୀର ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଭାବେ ଆଡ୍‌ଭୋକେଟ ପ୍ରବୀଣ କୁମାର ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ପଦବୀ ପାଇଁ ବାସୁଦେବ ରଥ ଓ ଜୟପାଲ ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥଲା । ବାସୁଦେବ ରଥ ୧୮୭ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିଲେ । ଉପସଭାପତି ସୁବାସ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ବୈଷ୍ଣବ ଚରଣ ସାହୁ ଏବଂ ଅଡିଟର ଭାବେ ଶଙ୍କର ପ୍ରସାଦ ମିଶ୍ର ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିକୁ ନିତ୍ୟାନନ୍ଦ ବରେଇ, ପ୍ରଦୀପ କୁମାର ବିଶ୍ୱାଳ, ରବି ନାରାୟଣ ବହିଦାର, ରାଧାକାନ୍ତ ମହାକୁଡ, ଉମାକାନ୍ତ ସାହୁ, ପ୍ରମୋଦ କୁମାର ଭୋଇ, ଅସିତ କୁମାର ଷଡଙ୍ଗୀ, ଓଁକାର ନାୟକ, ରାଜେନ୍ଦ୍ର ମିଶ୍ର, ମୁକୁନ୍ଦଦେବ ପଟେଲ, ଦିନେଶ ନାଗ ଓ ଆର୍ତ୍ତତ୍ରାଣ ପୁରୋହିତ ମନୋନୀତ ହୋଇଛନ୍ତି । ନିର୍ବାଚନ ଅଫିସର ଭାବେ ଆଡ୍‌ଭୋକେଟ ଶଶୀଭୂଷଣ ପୁରୋହିତ ନିର୍ବାଚନ ପରିଚାଳନା କରିଥିଲେ ।

## ଓକିଲ ସଂଘ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବୌଦ୍ଧ,୧୨।୧୨(ସ୍ୱ.ପ୍ର.)

ବୌଦ୍ଧ ସିଭିଲ ଓ କ୍ରିମିନାଲ ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଓକିଲ ସଂଘର ସମସ୍ତ ନିର୍ବାଚନ ପ୍ରକ୍ରିୟା ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଯାଇଛି । ଏହି ନିର୍ବାଚନରେ ସଂଘର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଶାନ୍ତନୁ କୁମାର ମହାପାତ୍ର, ସମ୍ପାଦକ ଆଶୁତୋଷ ଦାସ, ଉପସଭାପତି ବିଷ୍ଣୁ ପ୍ରସାଦ କ୍ଷେତି , ସହ ସଂପାଦକ ଭାବେ ନିକୁଞ୍ଜ କୁମାର ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

## ସୁନାମୁଖୀ ସାଗର ଅବହେଳିତ

ପଲମ, ୧୨।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରାଠାରେ ଥିବା ୭୫ ଏକର ବିଶିଷ୍ଟ ସୁନାମୁଖୀ ସାଗର ଅବହେଳିତ ଅବସ୍ଥାରେ ପଡିରହିଛି। ପ୍ରାୟ ୧ବର୍ଷ ହେଲା ଏହି ପୋଖରୀରେ ଏକ ପ୍ରକାର ଗୁଳ୍ମ ଲାଗିଥିବାରୁ ପାଣି ଦୁଷିତ ହେବା ସହ ଦୁର୍ଗନ୍ଧ ହେଉଛି। ଲୋକେ ଅନ୍ୟ ଉପାୟ ନ ପାଇ ଏହି ସାଗର ପାଣି ବ୍ୟବହାର କରୁଛନ୍ତି। କ୍ଷୁଦ୍ର ଜଳସେଚନ ବିଭାଗ ୧୯୮୫ରୁ ଏହି ପୋଖରୀକୁ ନିଜ ଅଧୀନକୁ ନେଇଛି। ବିଭାଗରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ପଙ୍କଉଦ୍ଧାର କରାଯାଉ ନାହିଁ। ଫଳରେ ଏହାର ଗଭୀରତା କମିବା ସହ ପାଣି ଦୁଷିତ ହେଉଛି। ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନତି ମୂଳକ କାର୍ଯ୍ୟ କରାଯାଇଛି। ସରକାରଙ୍କ ଅନ୍ୟ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ପୋଖରୀରେ ୬ଟି ଗାଧୁଆ ତୁଠ ନିର୍ମାଣ ହୋଇଛି। ପୋଖରୀରୁ ରୁପ୍ରା ସମେତ ମାଲପଡା ଓ ଫିଟରପଡାର ୨୦୦୦ ଲୋକ ବ୍ୟବହାର କରୁଛନ୍ତି। ନର୍ଲା କ୍ଷୁଦ୍ର ଜଳସେଚନ ଅନୁବିଭାଜନ ଜେଇଙ୍କୁ ପଚାରିବାରୁ ୨୦୨୦-୨୧ ବର୍ଷରେ ପୋଖରୀର ଉନ୍ନତି ପାଇଁ ସରକାର ଅର୍ଥ ମଞ୍ଜୁରୀ କରିଛନ୍ତି। ମାଛ ଚାଷ ବ୍ୟବସ୍ଥା ଓ ଜମିକୁ ଜଳସେଚନ ପାଇଁ କେନାଲ ତିଆରି ହେବ ବୋଲି ସେ କହିଥିଲେ। ପୋଖରୀରୁ ପଙ୍କ ଉଦ୍ଧାର ସହିତ ସଫା କରିବାକୁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଶ୍ୟାମସୁନ୍ଦର ସେନାପତି, ପୂର୍ବତନ ସରପଞ୍ଚ ଅକ୍ରୁର ସାହୁ ତଥା ପୂର୍ବ ୱାର୍ଡ ସଭ୍ୟ ଚନ୍ଦ୍ରମଣି ଗଉଡ ଦାବି କରିଛନ୍ତି।


ଯୁବକମାନେ ପଙ୍କୋଦ୍ଧାର କରୁଛନ୍ତି ।

# ଧାନ ବିକ୍ରିରୁ ବଞ୍ଚିତ ଚାଷୀ

ତରବୋଡ, ୧୨।୧୨ (ଡି.ଏନ.ଏ.)



ଚାଷୀମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

### ପ୍ୟାକ୍ସ କର୍ମଚାରୀଙ୍କ ଅବହେଳା
### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ନୂଆପଡା ଜିଲାରେ ଚାଷୀଙ୍କ ଉପରେ ସମସ୍ୟା ପିଛା ଛାଡୁନାହିଁ। ଧାନ ବିହନଠାରୁ ଆରମ୍ଭ କରି ସାର, କୀଟ ନାଶକ ଔଷଧ, ଧାନ ଅମଳ ହୋଇ ଉତ୍ପାଦନ ପରେ ଚାଷୀ ଅଭାବି ବିକ୍ରିର ଶିକାର ହେବାକୁ ପଡୁଛି। ଏବେ ପ୍ୟାକ୍ସ କର୍ମଚାରୀଙ୍କ ଅବହେଳା ଯୋଗୁ ଜିଲାର ୮ ଜଣ ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି । ଏହି ଚାଷୀମାନେ ନୂଆପଡା ଆଜି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳ ଓ ଯୋଗାଣ ଅଧିକାରୀ ଅଫିସରେ ଉପସ୍ଥିତ ନ ଥିବାରୁ ଚାଷୀମାନେ ଏଆରସିଏସଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ଚଳିତ ଖରିଫରେ ଖରିଆର ରୋଡ ଓ ଲଖନାର ୮ଜଣ ଚାଷୀ ସୋସାଇଟି ଓ ମହାଜନୀ ଋଣ ଆଣି ଧାନ ଚାଷ କରିଥିଲେ। ବର୍ତ୍ତମାନ ମହାଜନମାନେ ଋଣ ପରିଶୋଧ ପାଇଁ ବାରମ୍ବାର ଘରକୁ ଆସୁଛନ୍ତି। ଚାଷୀମାନେ ଧାନ ବିକ୍ରି ହେଲେ ଋଣ ପରିଶୋଧ କରି ପରିବାର ପ୍ରତିପୋଷଣ କରିବା ପାଇଁ ଚିନ୍ତା କରୁଥିଲେ। ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଖରିଆର ରୋଡ ଓ ଲଖନା ପ୍ୟାକ୍ସରେ ପଞ୍ଜୀକରଣ ପାଇଁ ଅନଲାଇନରେ ଆବେଦନ କରିଥିଲେ। ପ୍ୟାକ୍ସ କର୍ମଚାରୀଙ୍କ ଅବହେଳା ଯୋଗୁ ଏହି ୮ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇନାହିଁ । ଟୋକନ ଆସି ନ ଥିବାରୁ ସେମାନେ ପ୍ୟାକ୍ସ କର୍ମଚାରୀଙ୍କୁ ପଚାରିଥିଲେ। ସେମାନଙ୍କ ପଞ୍ଜୀକରଣ ହୋଇ ନ ଥିବା ଜାଣିବା ପରେ ଚାଷୀମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଲଖନା ପ୍ୟାକ୍ସ ଲିମଡିହି ଗ୍ରାମର ଚାଷୀ ସୁଖୀରାମ ସାହୁଙ୍କ ୪୦ କୁଇଣ୍ଟାଲ, ଜିରା ସିଂ ସାହୁଙ୍କ ୧୦୦, ସୀଆରାମ ସାହୁଙ୍କ ୪୦, କୁରୁମପୁରୀ ଗ୍ରାମର ଲମ୍ବୋଦର ସାହୁଙ୍କ ୧୩୦, ଖରିଆର ରୋଡ ପ୍ୟାକ୍ସ ହଳଦୀ ଗ୍ରାମର ଛବିଲାଲ ସାହୁଙ୍କ ୧୫୦, ପୁଷ୍ପା ରାଉତଙ୍କ ୮୦, ଉଦୟ ଶ୍ୟାମ ପାଣ୍ଡେଙ୍କ ୧୨୦ କୁଇଣ୍ଟାଲ ଧାନ ବିକି ହୋଇପାରି ନାହିଁ। ଏ ନେଇ ଏଆରସିଏସ ଭିକାରୀ ସେଠୀଙ୍କୁ ପଚାରିବାରୁ ଏହି ଚାଷୀମାନଙ୍କ ଧାନ କିପରି ମଣ୍ଡିରେ ବିକ୍ରି କରିବେ ସେ ଉପରେ ପ୍ୟାକ୍ସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଛନ୍ତି ।

## କାର୍-ବାଇକ୍ ଧକ୍କା, ଜଣେ ମୃତ

ସୁନ୍ଦରଗଡ,(ଡି.ଏନ,ଏ): ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେ (ରାଜ୍ୟ ରାଜପଥ ନଂ-୧୦)ର ରାଜଗାଙ୍ଗପୁର ନିକଟବର୍ତ୍ତୀ ଲାଇଙ୍ଗଠାରେ ଶନିବାର ସନ୍ଧ୍ୟାରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ବାଇକରେ ଥିବା ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତାହତଙ୍କ ପରିଚୟ ମିଳିପାରିନାହିଁ। ସୁନ୍ଦରଗଡ ପଟୁ ରାଉରକେଲା ଯାଉଥିବା ଏକ କାର୍ (ନଂ.ଓଆର୧୫ଭି/୧୨୩୨) ସହିତ ବିପରୀତ ଦିଗରୁ ଆସୁଥିବା ବାଇକ୍ (ନଂ.ଓଡି୨୩କେ/୫୭୫୨) ଧକ୍କା ହୋଇଥିଲା। ଖବର ପାଇ ରାଜଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଡାକ୍ତରଖାନା ପଠାଇଥିଲା। ସେଠାରେ ଜଣଙ୍କ ମୃତ୍ୟୁ ଘଟିଛି।

### ସଂକ୍ଷେପରେ

## ନାବାଳିକାଙ୍କୁ ଦୁର୍ବ୍ୟବହାର କରି ଗିରଫ

**ଲହୁଣୀପଡା, ୧୨।୧୨ (ଡି.ଏନ.ଏ)**
ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଟକରା ଗ୍ରାମର ଦୁଇଜଣ ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଲହୁଣୀପଡା ଥାନା ଅନ୍ତର୍ଗତ ଟକରା ଗ୍ରାମର ଇଷ୍ଟିଫାନ୍ ଲାକ୍ରା (୫୦)। ଇଷ୍ଟିଫାନ୍ ସେହି ଗ୍ରାମର ଦୁଇ ଜଣ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକି ଦୁର୍ବ୍ୟବହାର କରିଥିଲେ। କୌଣସି ମତେ ନାବାଳିକା ଦୁଇ ଜଣ ବାହାରକୁ ଦୌଡି ପଳାଇଥିଲେ ଏବଂ ଘଟଣା ସମ୍ପର୍କରେ ନିଜ ନିଜ ଘରେ ପ୍ରକାଶ କହିଥିଲେ । ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ଘଟଣା ପରଠାରୁ ଇଷ୍ଟିଫାନ୍ ଗ୍ରାମରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ସିଙ୍ଗୁଲିଖୋଲ ଗ୍ରାମରେ ନିଜ ସମ୍ପର୍କୀୟ ଘରେ ଲୁଚି ରହିଥିବା ଖବର ପାଇ ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା ।

## କୁକୁଡା ଲଢେଇ, ଜୁଆ ଆଡ୍ଡାରେ ଚଢାଉ

**ଦେବଗଡ଼,୧୨।୧୨(ଡି.ଏନ.ଏ)**
ଦେବଗଡ ଥାନା ପୋଲିସ ତିଲେଇମାଳ ଗ୍ରାମ ନିକଟ ଏକ ବିଲରେ ଚାଲିଥିବା ବେଆଇନ କୁକୁଡା ଲଢେଇ ଓ ଜୁଆ ଅଡ୍ଡା ଉପରେ ଚଢାଉ କରିଥିଲା। ପୋଲିସକୁ ଦେଖି ଜୁଆଡିମାନେ ଘଟଣାସ୍ଥଳରୁ ଖସି ପଳାଇଥିଲେ । ତେବେ ପୋଲିସ ଗୋଡାଇ ୨ଜଣଙ୍କୁ ଧରିଛି । ଅନ୍ୟପକ୍ଷରେ ଜୁଆଡିମାନେ ସେଠାରେ ଛାଡି ଯାଇଥିବା ୧୫ଟି ବାଇକ ଜବତ କରାଯାଇଛି । ତିଲେଇମାଳରେ କୁକୁଡା ଲଢେଇ ଓ ଜୁଆ ଅଡ୍ଡା ଚାଲିଥିବା ଏସ୍‌ପିଙ୍କୁ ଖବର ମିଳିବା ପରେ ଏହି ଚଢାଉ କରାଯାଇଥିଲା। ଦେବଗଡ ଥାନା ସବ୍‌ଇନ୍ସପେକ୍ଟର ପ୍ରଦୀପ ରଞ୍ଜନ ପାତ୍ର ଓ ବୁଦ୍ଧରାୟ ମାଝୀ ସଦଳବଳ ସେଠାରେ ଚଢାଉ କରିଥିଲେ।

## ହାଇୱା ଧକ୍କାରେ ଶ୍ରମିକ ମୃତ, ରାସ୍ତାରୋକୋ

**ଦେବଗଡ଼,୧୨।୧୨(ଡି.ଏନ.ଏ.)**
ଦେବଗଡ ଜିଲା କୁଣ୍ଢେଇଗୋଲା ଥାନା ଖଇରପାଲି ଫାଣ୍ଡି ଅନ୍ତର୍ଗତ ସିଆରିମାଳିଆ ଗ୍ରାମରେ ଶନିବାର ଅପରାହ୍ନରେ ଏକ ପାଉଁଶ ବୋଝେଇ ହାଇୱା ଟ୍ରକ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୁଖରାମ ମୁଣ୍ଡା(୪୫)। ଖବର ମୁତାବକ ଅପରାହ୍ନରେ ନୂଆଡିହୀ ପଞ୍ଚାୟତ ଝାରମୁଣ୍ଡା ଗ୍ରାମର ଟ୍ରାକ୍ଟରରେ ଧାନ ବୋଝେଇ କରି ସିଆରିମାଳିଆ ଗ୍ରାମର ଏକ ଖଳାରେ ରଖିବା ପରେ ଉକ୍ତ ଗ୍ରାମ ଦେଇଯାଇଥିବା ରାଞ୍ଚି-ବିଜୟୱାଡା ରାଜପଥ କଡରେ ସୁଖରାମ ଠିଆ ହୋଇଥିଲେ। ଏହି ସମୟରେ ଖୁଲେଇ ପଟୁ ଆସୁଥିବା ହାଇୱା(ନଂ.ଓଡି-୧୫ଜେ-୭୫୮୫)ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ।

## ଦେବଗଡ଼ ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତା

**ଦେବଗଡ଼,୧୨।୧୨(ଡି.ଏନ.ଏ)**
ଦେବଗଡ ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଟିକେଶ୍ୱର ଧଳ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ସାରଙ୍ଗଧର ଦେହୁରୀଙ୍କୁ ୧୧ଟି ଭୋଟରେ ପରାଜିତ କରି ସମ୍ପାଦକଭାବେ ବିଜୟୀ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଶ୍ରୀବତ୍ସ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନିର୍ବାଚନରେ ୬୫ ଜଣ ସଦସ୍ୟ ଭୋଟ ଦେଇଥିଲେ। ଧଳ ୩୬ଖଣ୍ଡ ଭୋଟ ଓ ଦେହୁରୀ ୨୫ଟି ଭୋଟ ପାଇଥିଲେ । ୩ଟି ଭୋଟ ନାକଚ ହୋଇଥିଲା । ସୂଚନାଯୋଗ୍ୟ ଯେ, ପୂର୍ବରୁ ସଭାପତି ପଦବୀ ନିମନ୍ତେ ଦିଲ୍ଲୀପ କୁମାର ଗୁରୁ, ଉପସଭାପତି ସରୋଜ କୁମାର ପାତ୍ର, ସହସମ୍ପାଦକ ବିରେନ କୁମାର ପ୍ରଧାନ, କୋଷାଧ୍ୟକ୍ଷଭାବେ ରାଜକିଶୋର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ସମ୍ପାଦକ ପଦବୀ ନିମନ୍ତେ ଦୁଇଜଣ ପ୍ରାର୍ଥୀ ଥିବାରୁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

# ସ୍ୱାଭାବିକ ହେବା ପରେ ଭୁଲିଗଲେ

**ସମ୍ବଲପୁର,୧୨।୧୨(ବ୍ୟୁରୋ)**



ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ।

**ଜିଲା ମୁଖ୍ୟ ଚିକିତ୍ସାଳୟ**
- କାମରେ ଲାଗୁନି ଆଇସିୟୁ, ଡାଏଲିସିସ୍ ୟୁନିଟ୍

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ କୋଭିଡ୍- ୧୯ ମେଡିକାଲ କରାଯାଇ ପ୍ରାୟ ୭ମାସ ଧରି ସଂକ୍ରମଣଙ୍କୁ ଚିକିତ୍ସା କରାଯାଇଥିଲା। ସାଧାରଣ ରୋଗୀଙ୍କ ସମସ୍ୟା ହେବ କହି ଲୋକେ ପ୍ରଥମରୁ ଏଠାରେ କୋଭିଡ୍ ମେଡିକାଲ କାର୍ଯ୍ୟକାରୀ କରିବାକୁ ବିରୋଧ କରିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ମହାନଗର ଅଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଏହା ସହ କୋଭିଡ୍ ମେଡିକାଲରେ ନୂତନ ଭେଣ୍ଟିଲେଟର, ଆଇସିୟୁ ଆଦି ସାମଗ୍ରୀ ଲାଗି ଅତ୍ୟାଧୁନିକ କରାଯିବ ଯାହା ପରବର୍ତ୍ତୀ ସମୟରେ ସର୍ବସାଧାରଣ ପାଇଁ ବ୍ୟବହାର କରାଯିବ ବୋଲି କୁହାଯାଇଥିଲା। ପ୍ରାୟ ଏକମାସ ହେଲା ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ମେଡିକାଲ ବନ୍ଦ କରାଯାଇଛି। ସ୍ୱାଭାବିକ ଭାବେ ଅନ୍ୟ ରୋଗୀ ଚିକତ୍ସା ଆରମ୍ଭ ହୋଇଛି। ହେଲେ କୋଭିଡ୍ ମେଡିକାଲ ସମୟରେ କରାଯାଇଥିବା ଆଇସିୟୁ, ଡାଏଲିସିସ୍ ମେଶିନ ଏବେ ବ୍ୟବହାର କରାଯାଉ ନାହିଁ। ଫଳରେ ପ୍ରଶାସନ କଥା ଦେଇ ଭୁଲିଗଲେ ବୋଲି ସାଧାରଣରେ ଆଲୋଚନା ହେଉଛି। ରୋଗୀମାନଙ୍କୁ ପୂର୍ବଭଳି ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଉଛି। ସେହିପରି ଡାଏଲିସିସ୍ ମଧ କରାଯାଉ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଜିଲାର ୯ ବ୍ଲକ ସମେତ ପଡୋଶୀ ଜିଲାବାସୀ ନିର୍ଭର କରନ୍ତି। ଏଠାରେ ୨ ଶହ ଶଯ୍ୟା ମଧ ରହିଛି। ଯଦି ଆଇସିୟୁ ଓ ଡାଏଲିସିସ୍ ସୁବିଧା କରାଯାଏ ତେବେ ରୋଗୀମାନେ ଉପକୃତ ହୋଇପାରନ୍ତେ। ଭୀମସାରରେ ମଧ ରୋଗୀ ସଂଖ୍ୟା କମି ଚାପ କମିଯାଆନ୍ତା। ଅନ୍ୟପଟେ କୋଟି କୋଟି ଟଙ୍କାର ମେଶିନଗୁଡିକ ବ୍ୟବହାର ହେଉ ନ ଥିବାରୁ ନଷ୍ଟ ହେବାକୁ ବସିଛି। ଏ ଦିଗରେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି। ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଶଶିଭୂଷଣ ପଟେଲ କହିଛନ୍ତି, ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ଭୀମସାର ସହିତ ଆଲୋଚନା ହୋଇଛି। ଜଣେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ କରାଯିବ। ଅନ୍ୟ କର୍ମଚାରୀ ଓ ଟେକ୍ନିସିଆନ ନିଯୁକ୍ତି ଦେବାକୁ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଛି ବୋଲି କହିଥିଲେ।


ମୁଖ୍ୟ ଅତିଥି ମ୍ୟାଚ ଆରମ୍ଭ କରୁଛନ୍ତି ।

## ହକି ଟୁର୍ନାମେଣ୍ଟ ଉଦ୍‌ଘାଟିତ: ଏସ୍‌ଆର୍ ବିଜୟୀ

**ଲହୁଣୀପଡା, ୧୨।୧୨ (ଡି.ଏନ.ଏ.)**
ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ସାନରକ୍ସି ସ୍ଥିତ କୁଶଳ ତିର୍କୀ ମିନି ଷ୍ଟାଡିୟମରେ ୮ ଦିନ ଧରି ହେବାକୁ ଥିବା ୨୪ତମ ଶହୀଦ ଅମିୟ ଦାସ ସ୍ମାରକୀ ହକି ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟ ଗୋପୀନାଥ ମାହାନ୍ତ, ପ୍ରଭାତ ପଣ୍ଡା, ସରପଞ୍ଚ ଲିଲି ସରିତା ଗୁଡିଆ, ଗାଙ୍ଗି ସଏ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟ ଆନନ୍ଦମାସି ହରୋ ଅଧକ୍ଷତା କରିଥିବା ବେଳେ ରୟାନ କାଣ୍ଡୁଲାନା ଅତିଥି ପରିଚୟ ଓ ଧୀରେଶ କୁମାର ବଳ ମଞ୍ଚ ପରିଚାଳନା କରିଥିଲେ । ଉଦ୍‌ଘାଟନ ପୂର୍ବରୁ ଶତାଧିକ ମହିଳା ପୁରୁଷ ପାରମ୍ପରିକ ପୋଷାକ ପରିଧାନ କରି ନୃତ୍ୟଗୀତର ତାଳେ ତାଳେ ଅତିଥିମାନଙ୍କୁ ପାଛୋଟି ନେଇଥିଲେ । ଭାଲିଆଡିହି ଓ ଏସ୍‌ଆର୍ ନାଇଣ୍ଟିନ୍ ଦଳ ସହିତ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ଏସ୍‌ଆର୍ ଦଳ ୨-୦ ଗୋଲରେ ଭାଲିଆଡିହି ଦଳକୁ ପରାସ୍ତ କରିଥିଲା। ଏହି ଟୁର୍ନାମେଣ୍ଟରେ ମୋଟ ୬୪ଟି ଦଳ ଭାଗ ନେବା ପାଇଁ ପଞ୍ଜୀକରଣ କରିଥିବା ଜଣାପଡିଛି । ସେଜାନ ତିର୍କୀ, ଜୋହାନ ହରୋ, ନିରନ୍ତର ପୂର୍ତ୍ତି, ଜୋହନ ମୁଣ୍ଡା, ସି ସିପ୍ରିୟାନ ମୁଣ୍ଡା, ହେରମାନ ମୁଣ୍ଡା, ଜେମ୍ସ କାଣ୍ଡିୟାବୁରୁ ପ୍ରମୁଖ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ।

## ଟ୍ରକ୍ ମାଲିକ ସଂଘ ନିର୍ବାଚନ

**ରେଢାଖୋଲ,୧୨।୧୨(ଡି.ଏନ.ଏ.)**
ସମ୍ବଲପୁର ଜିଲା ରେଢାଖୋଲ ଟ୍ରକ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଛି। ୨୦୨୧-୨୨ ବର୍ଷ ପାଇଁ ନରେନ୍ଦ୍ର କୁମାର ଦେଓ ସଭାପତି, ନୀଳାମ୍ବର ପ୍ରଧାନ ଉପସଭାପତି, ଦୁଃଶାସନ ଧଳ ସାଧାରଣ ସମ୍ପାଦକ, ବିଠଲ ସାହୁ ଯୁଗ୍ମ ସମ୍ପାଦକ ଓ ରାମଲାଲ ଅଗ୍ରୱାଲ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ଅଭୟ କୁମାର ବୀର ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ଏଥିସହିତ କାର୍ଯ୍ୟକାରିଣୀ କମିଟି ଓ ପରାମର୍ଶଦାତା ମଣ୍ଡଳୀ ଗଠିତ ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ୱାସ୍ଥ୍ୟସେବାରେ ଉନ୍ନତି ଚିନ୍ତା, ସିଡିଏମଓଙ୍କ ସହ ଆଲୋଚନା

**ସୁନ୍ଦରଗଡ, ୧୨।୧୨ (ଡି.ଏନ.ଏ.)**
ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାର ବିଭିନ୍ନ ଅସୁବିଧା ଓ ଜନସାଧାରଣଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଜୁ ଜନତା ଦଳ ଦାବି କରିଛି । ଏହି ପରିପ୍ରେକ୍ଷୀରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧିମଣ୍ଡଳୀ ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ରଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ରକ୍ତଭଣ୍ଡାରରେ ଗଚ୍ଛିତ ଥିବା ରକ୍ତକୁ ରୋଗୀ ମାନଙ୍କୁ ମାଗଣାରେ ଯୋଗାଇ ଦେବା, ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀ ମାନଙ୍କ ସୁବିଧା ପାଇଁ ୧୦ଟି ପୃଥକ କ୍ୟାବିନ୍ ନିର୍ମାଣ, ଡାକ୍ତରଖାନାରେ ଆଇସିୟୁ ନିର୍ମାଣ କରାଯିବା ଆଦି ଦାବି କରାଯାଇଥିଲା। ଏହି ପ୍ରତିନିଧିମଣ୍ଡଳୀରେ ବିଜୁ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ଜନ୍ମେଜୟ ମହାପାତ୍ର, ଗୋପ ମହାନ୍ତି, ଜୟନାରାୟଣ ତ୍ରିପାଠୀ, ସୁନୀଲ ମହାପାତ୍ର ଆଲୋଚନା କରିଥିଲେ ।

## ସମ୍ବଲପୁରରେ ପ୍ରମୋଦ, ରେଢ଼ାଖୋଲରେ ଗଣେଶ୍ୱର ସଭାପତି

**ସମ୍ବଲପୁର/ରେଢାଖୋଲ, ୧୨।୧୨ (ବ୍ୟୁରୋ/ଡି.ଏନ.ଏ.)**

**ଓକିଲ ସଂଘ ନିର୍ବାଚନ**

ସମ୍ବଲପୁର ଜିଲା ଓକିଲ ସଂଘ ନିର୍ବାଚନରେ ଡ. ପ୍ରମୋଦ କୁମାର ରଥ ସଭାପତି ଓ ରବିରଞ୍ଜନ ପୂଜାରୀ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରମୋଦ ୨୭୨ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସତ୍ୟନାରାୟଣ ପଣ୍ଡା ୨୨୪ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ରବିରଞ୍ଜନ ୩୭୩ଟି ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମଧୁସୂଦନ ମିତଙ୍କଠାରୁ ୨୪୩ଟି ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଉପସଭାପତି ପଦବୀରେ ଚନ୍ଦ୍ରକାନ୍ତ ମହାନ୍ତି, ଯୁଗ୍ମ ସମ୍ପାଦକରେ ଅନୁପ ତରିଆ, ସହ ସମ୍ପାଦକରେ ଅନୁପ ପଟ୍ଟନାୟକ ବିଜୟୀ ହୋଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ଦାଶ, ଉପନିର୍ବାଚନ ଅଧିକାରୀ ଶେଖ ଫାରୁକ ଓ ସିଦ୍ଧାର୍ଥ ସାହୁ ନିର୍ବାଚନ ପରିଚାଳନା କରିଥିଲେ। ସେହିପରି ରେଢାଖୋଲ ଓକିଲ ସଂଘ ନିର୍ବାଚନରେ ଗଣେଶ୍ୱର ପ୍ରଧାନ ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ସଭାପତିଙ୍କୁ ବାଦ୍‌ଦେଲେ ଜଣେଲେଖାଏ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିବା ଭବାନୀଶଙ୍କର ପଣ୍ଡା ଉପସଭାପତି, ଉମାକାନ୍ତ ମହାନନ୍ଦ ସାଧାରଣ ସମ୍ପାଦକ, ସୁଜିତ କୁମାର ପ୍ରଧାନ ଯୁଗ୍ମ ସମ୍ପାଦକ, ଅନ୍ତର୍ଯାମୀ ସାହୁ ସହ ସମ୍ପାଦକ, ଜନ୍ମେଜୟ ସାହୁ କୋଷାଧକ୍ଷ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ଶମ୍ଭୁପ୍ରସାଦ ପ୍ରଧାନ, ସଜଳକାନ୍ତ ପାଲ, ଜଗନ୍ନାଥ ବିଶ୍ୱାଳ, ଅଭୟ କୁମାର ବୀର, ହାରୁନ ଖାନ ପ୍ରମୁଖ କାର୍ଯ୍ୟକାରୀ କମିଟି ସଭ୍ୟ ହୋଇଛନ୍ତି।

## ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା, ୨ମୃତ

**କୁଆଁରମୁଣ୍ଡା,୧୨।୧୨(ଡି.ଏନ.ଏ.)**
ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅନ୍ତର୍ଗତ ବୀରମିତ୍ରପୁର-ସଲଙ୍ଗାବାହାଲ ରୋଡ଼ର ଝମନକେରା ବୁଲାଣି ନିକଟରେ ଶନିବାର ପୂର୍ବାହ୍ନ ସାଢେ ୧୧ଟାରେ ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ବାଇକ୍ (ନଂ. ଓଡି୨୩ଜି/୦୮୦୪) ଆରୋହୀ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଦୁହ୍ଲାପୁର ଗ୍ରାମର ସୁମେନ୍ଦ୍ର ସା(୨୯) ଓ ଭୀଷ୍ମଦେବ ରାଜଗନ୍ଧା(୨୨)। ଖବର ପାଇ ରାଏବୋଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଉରକେଲା ସରକାରୀ ହସ୍ପିଟାଲକୁ ପଠାଇଛି। ଏ ନେଇ ରାଏବୋଗା ଥାନାରେ ଏକ ମାମଲା (ନଂ.୧୦୯/୨୦) ରୁଜୁ କରି ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଓ ବାଇକକୁ ଜବତ କରିଛି । ରବିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ସୁମେନ୍ଦ୍ର ଓ ଭୀଷ୍ମଦେବ ଏକ ବାଇକ୍ ଯୋଗେ ରାଏବୋଗାରୁ ଦୁହ୍ଲାପୁରକୁ ଯାଉଥିବା ବେଳେ ଝମନକେରା ବୁଲାଣି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହୋଇଥିଲେ ।

## ପୋଲିସ ଭ୍ୟାନ୍ ଚଢ଼ିଯିବାରୁ ସ୍କୁଟି ଚାଳକ ମୃତ

**ରାଉରକେଲା ଅଫିସ/କୁଆଁରମୁଣ୍ଡା, ୧୨।୧୨(ଡି.ଏନ.ଏ)**
ସୁନ୍ଦରଗଡ଼ ଜିଲା ରାଉରକେଲା ଛେଣ୍ଡ ନିକଟ ଉଦିତନଗର ଥାନା ଅଞ୍ଚଳର ଏକ ପେଟ୍ରୋଲ ପମ୍ପ ଓ ଡିଏଭି ଛକ ମଧ୍ୟବର୍ତ୍ତୀ ରାସ୍ତାରେ ଶନିବାର ସକାଳ ପ୍ରାୟ ସାଢେ ୯ଟା ବେଳେ ପୋଲିସ ଭ୍ୟାନ ଚଢିଯିବାରୁ ଘଟଣାସ୍ଥଳରେ ଜଣେ ସ୍କୁଟି ଚାଳକଙ୍କ ହୋଇଛି। ମୃତକ ହେଲେ ମାଲଗୋଦାମ ଅଞ୍ଚଳ ୱାର୍ଡ ନଂ.-୧୦ର ପିୟୁସ ତିର୍କୀ(୨୫)। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଉମର ଆଲମ ଗୁରୁତର ହୋଇ ଆର୍‌ଜିଏଚ୍‌ରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ ଉଦିତନଗର ଥାନାରେ ଏକ ମାମଲା ରୁଜୁ ହୋଇଛି।

ସୂଚନା ଅନୁସାରେ, ପିୟୁସ ଓ ଉମର ଆଲମଙ୍କ ସହ ଅନ୍ୟ ଜଣେ ନାବାଳକ ଏକ ସ୍କୁଟିରେ ମାଲଗୋଦାମ ଅଞ୍ଚଳରୁ ସେକ୍ଟର-୧୬କୁ କୌଣସି କାମରେ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ସ୍କୁଟି ଭାରସାମ୍ୟ ହରାଇ ରାସ୍ତାର ବାମ ପାର୍ଶ୍ୱକୁ ପଡିଯାଇଥିଲା। ଫଳରେ ସ୍କୁଟି ଚାଳକ ପିୟୁସ ରାସ୍ତା ଉପରେ ପଡି ଯାଇଥିବା ବେଳେ ଉମର ଓ ଉକ୍ତ ନାବାଳକ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିଥିଲେ। ଏହିସମୟରେ ସ୍କୁଟି ପଛରେ ଥିବା ପୋଲିସ ଭ୍ୟାନ୍ ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତା ଉପରେ ପଡ଼ିଥିବା ପିୟୁସଙ୍କ ଉପରେ ଚଢିଯାଇଥିଲା।

## ବାଲ୍ୟବିବାହ ବନ୍ଦ କଲା ଚାଇଲ୍ଡ ଲାଇନ୍


ଚାଇଲ୍ଡ ଲାଇନ୍ ଅଧିକାରୀମାନେ ବାଲ୍ୟବିବାହ ଆଇନ୍ ସମ୍ପର୍କରେ ଯୁବକଙ୍କ ପରିବାରକୁ ବୁଝାଉଛନ୍ତି।

**ଲଖନପୁର,୧୨।୧୨(ଡି.ଏନ୍.ଏ.)**
ଝାରସୁଗୁଡା ଜିଲା ଲଇକେରା ଥାନା ଅର୍ଡା ପଞ୍ଚାୟତ ଅଞ୍ଚଳରେ ହେବାକୁ ଥିବା ଏକ ବାଲ୍ୟବିବାହକୁ ଚାଇଲ୍ଡ ଲାଇନ୍ ବନ୍ଦ କରିଛି । ଲଇକେରା ଥାନାରେ ଏକ ଷ୍ଟେଶନଡାଇରୀ କରାଯାଇ ନାବାଳିକାଙ୍କୁ ଶିଶୁମଙ୍ଗଳ କମିଟିରେ ହାଜର କରାଯାଇଥିଲା । କମିଟି ଆଦେଶ ଅନୁଯାଇ ନାବାଳିକାଙ୍କ ବାପା ରାଜିନାମାପତ୍ର ସ୍ୱାକ୍ଷର କଲାପରେ ତାଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଚାଇଲ୍ଡ ଲାଇନ୍ ସଂଯୋଜକ ଆଶିଷ କୁମାର ପଣ୍ଡା କହିଛନ୍ତି। ସୂଚନାଥାଉକି ସୁନ୍ଦରଗଡ ଜିଲାର ଜନୈକା ନାବାଳିକା ଓ ଲଇକେରା ଥାନା ଅଞ୍ଚଳର ଜଣେ ଯୁବକଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିଲା । ଯୁବକ ଜଣଙ୍କ ନାବାଳିକାଙ୍କୁ ତାଙ୍କ ଘରୁ ଆଣି ନିଜ ଘରେ ରଖି ବିବାହ ଯୋଜନା ଚଳାଇଥିଲେ । ଏ ନେଇ କେହି ଚାଇଲ୍ଡ ଲାଇନ୍‌କୁ ଜଣାଇଥିଲେ । ଖବରପାଇ ଚାଇଲ୍ଡ ଲାଇନ୍ ଅଧିକାରୀମାନେ ସମ୍ପୃକ୍ତ ଯୁବକଙ୍କ ଘରେ ପହଞ୍ଚି ବାଲ୍ୟବିବାହ ଆଇନ୍ ସମ୍ପର୍କରେ ବୁଝାଇଥିଲେ । ଏହାପରେ ଯୁବକଙ୍କ ପରିବାର ଲୋକେ ଭୁଲ ବୁଝିପାରି ହେବାକୁ ଥିବା ବାହାଘର ବନ୍ଦ କରିଥିଲେ।

# ପରିବା ଚାଷରେ ପରିବାର ପୋଷଣ

**ସମ୍ବଲପୁର,୧୨।୧୨(ବ୍ୟୁରୋ)**


ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ଏକ କୋବି କିଆରିରେ ଚାଷୀ।

**ଦାଦନମୁକ୍ତ ଗାଁକୁ ମିଳିଛି ସ୍ୱତନ୍ତ୍ର ପରିଚୟ**
- ଚାଷ ଉପରେ ନିର୍ଭର ୯୫ ପ୍ରତିଶତ ପରିବାର
- କୋଭିଡ୍ ସମୟରେ ପାଇଛନ୍ତି ଅଧିକ ଲାଭ

ଗାଁ ଚାରିପାଖ ସବୁଜିମାରେ ଭରପୂର। ପାହାଡ଼ ତଳରେ ଗ୍ରାମ ଥିବାରୁ ପ୍ରକୃତିର ବରଦାନ ଭଳି ବର୍ଷତମାମ ପାଣି ସମସ୍ୟା ହୋଇ ନ ଥାଏ। ଖୋଲା କୂଅରୁ ମଧ ପାଣି ଶୁଖି ନ ଥାଏ। ମାଟିର ଉର୍ବରତା ସାଙ୍ଗକୁ ପାଣି ସୁବିଧା ଯୋଗୁ ଗ୍ରାମର ପ୍ରତ୍ୟେକ ପରିବାର ଚାଷକୁ ଆପଣେଇଛନ୍ତି। କେତେକ ଚାଷୀ ଧାନ ଚାଷ କରୁଥିବା ବେଳେ ପ୍ରାୟ ୯୫ ପ୍ରତିଶତ ଚାଷୀ ପରିବା ଚାଷକରି ପରିବାର ପୋଷଣ କରନ୍ତି। ଏହି ଚାଷ ପାଇଁ ଗ୍ରାମବାସୀ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଭଳି ଦୁଇ ଗ୍ରାମ ହେଉଛି ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ଧଦଲୋମୁଣ୍ଡା ଓ ଝାରୁମୁଣ୍ଡା।

ଗ୍ରାମର ଚାଷୀ କୌଣସି ସରକାରୀ ଯୋଜନାରେ ଚାଷ ପାଇଁ ସହାୟତା ଦାବି କରିନାହାନ୍ତି। ଯୁଯୁମୁରା ବ୍ଲକରେ କେତେକ ଗ୍ରାମରୁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ବେଳେ ଏହି ଗ୍ରାମ ଦାଦନମୁକ୍ତ ରହିଛି। କୋଭିଡ୍ ସମୟରେ ମଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଲା ନାହିଁ, ବରଂ ଭଲ ଦି'ପଇସା ରୋଜଗାର ହେଲା ବୋଲି ଚାଷୀମାନେ କହିଛନ୍ତି। ଝାରୁମୁଣ୍ଡା ଗ୍ରାମର ୭୦ ବର୍ଷୀୟ ଚାଷୀ ଲଳିତ ବେହେରା କହନ୍ତି, ପୁଅ, ବୋହୂ, ନାତି, ନାତୁଣୀ ସମସ୍ତେ ଚାଷ କାମରେ ଲାଗିଥାନ୍ତି। ଯଦି ଆବଶ୍ୟକ ପଡେ ଶ୍ରମିକ ନିୟୋଜିତ କରିଥାଉ। କିଛି ଜମିରେ ଧାନଚାଷ ହୋଇଥାଏ। ପ୍ରାୟ ଅଢେଇ ଏକର ଜମିରେ ପନିପରିବା ଚାଷ ହୋଇଥାଏ। ଅକ୍ଷୟତୃତୀୟା ଦିନରୁ କାକୁଡି, ଲାଉ, ଜହ୍ନି ଆଦି ପରିବା ଚାଷ କରିଥାଉ। ତା'ପରେ ଫୁଲ କୋବି, ବାଇଗଣ, ଟମାଟୋ, ଲଙ୍କା ଆଦି ପନିପରିବା ଅମଳ ହୋଇଥାଏ। ଖୋଲା କୂଅରୁ ମୋଟର ପମ୍ପ ସାହାଯ୍ୟରେ ପାଣି ମଡ଼ାଯାଇଥାଏ। ଅମଳ ପନିପରିବା ବିକ୍ରି ପାଇଁ କୌଣସି ସମସ୍ୟା ନାହିଁ। ପୁଅମାନେ ବଜାରକୁ ଯାଇ ବିକ୍ରି କରିଦିଅନ୍ତି, ନ ହେଲେ ଛୋଟ ବେପାରୀମାନେ ଘରକୁ ଆସି ଉଚିତ ଦରରେ କିଣି ନେଉଛନ୍ତି। କୋଭିଡ୍ ସମୟରେ ବିକ୍ରି ହେବ ନାହିଁ ବୋଲି ଆଶଙ୍କା କରିଥିଲୁ। ହେଲେ ଅମଳ ସମସ୍ତ ପନିପରିବା ଉଚିତ ମୂଲ୍ୟରେ ବିକି ଭଲ ଦୁଇ ପଇସା ରୋଜଗାର କଲୁ। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଚାଷ କରାଯାଉଛି। ବର୍ଷତମାମ ଚାହିଦା ଅନୁସାରେ ଫସଲ ଅମଳ କରାଯାଇଥାଏ। ବାର୍ଷିକ ପାଖାପାଖି ୨ ଲକ୍ଷ ଟଙ୍କା କେବଳ ପନିପରିବାରୁ ରୋଜଗାର ହୋଇଥାଏ। ଏହି ଅର୍ଥ ନାତିନାତୁଣୀଙ୍କ ପାଠପଢା, ବିବାହ, ସାମାଜିକ କାର୍ଯ୍ୟରେ ବର୍ଷସାରା ଖର୍ଚ୍ଚ ହୋଇଥାଏ। ଧଦଲୋମୁଣ୍ଡା ଗ୍ରାମର ଚାଷୀ ଅନନ୍ତ ନାଏକ କହନ୍ତି, ଦୁଇଟି ଗ୍ରାମରେ ପ୍ରାୟ ୯୫ ପରିବାର ଅଛନ୍ତି। ଯାହା ପାଖରେ ଯେତେ ଜମି ଅଛି ସେଥିରେ ପନିପରିବା,ମୁଗ, ବିରି, ଚଣା ଭଳି ଡାଲି ଜାତୀୟ ଫସଲ ହୋଇଥାଏ। ବିକ୍ରି ସମସ୍ୟା ହେଉନାହିଁ। ଗ୍ରାମର ଚାଷୀମାନେ ଅଟୋ ସାହାଯ୍ୟରେ ସହରକୁ (ଗୋଲବଜାର) ଓ ବିଭିନ୍ନ ସାପ୍ତାହିକ ବଜାରକୁ ବିକ୍ରି କରିବାକୁ ଯାଆନ୍ତି। ପ୍ରତ୍ୟେକ ପରିବାର ଚାଷକରି ଉପାର୍ଜନ କରୁଥିବାରୁ ଦାଦନ ଶ୍ରମିକ ଭାବେ ଯାଆନ୍ତି ନାହିଁ। ଅନେକ ସମୟରେ ଛାତ୍ରୀଛାତ୍ରମାନେ ସ୍କୁଲ କଲେଜରୁ ଫେରିବା ପରେ ପରିବାର ବର୍ଗଙ୍କୁ ଚାଷ କାମରେ ସହଯୋଗ କରନ୍ତି। ବିହନ, ସାର, କୀଟନାଶକ ପାଇଁ ନିକଟସ୍ଥ ବଜାରରେ ନିର୍ଭର କରିଥାଉ।

## ପୋଲିସ୍ କବ୍‌ଜାରେ ୨ଶିକାରୀ

**ଲଖନପୁର,୧୨।୧୨(ଡି.ଏନ୍.ଏ)**
ଜଙ୍ଗଲକୁ ବାରହା ଶିକାର କରିବା ପାଇଁ ୨ଜଣ ଶିକାରୀ ଏକ ବୋଲେରୋରେ ଅସ୍ତ୍ରଶସ୍ତ୍ର ଧରି ଯାଉଥିବାବେଳେ ରାସ୍ତାରେ ଝାରସୁଗୁଡା ଜିଲା ବଡମାଲ ଥାନା ପୋଲିସ୍ ହାତରେ ଧରାପଡିଛନ୍ତି। ଗିରଫ ଶିକାରୀମାନେ ହେଲେ ବେଦାନ୍ତ ବିସ୍ଥାପିତ କଲୋନୀର ଗଣେଶ ଓରାମ ଓ ରଞ୍ଜନ ଓରାମ । ଏମାନଙ୍କ ନିକଟରୁ ପୋଲିସ୍ ଏକ ବୋଲେରୋ(ନ.ଓଡି୨୩ ବି ୬୨୪୦), ଏକ ଦେଶୀ ବନ୍ଧୁକ, ଗୁଳି, ଲୁହାରଡ୍, ଗନ୍ ପାଉଡର ଆଦି ଜବତ କରିଛି । ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ୍ ଶନିବାର କୋର୍ଟଚାଲଣ କରିଛି । ଏ ନେଇ ବଡମାଲ ଥାନାରେ ଏକ ମାମଲା(ନଂ.୨୧୬/୨୦)ରୁଜୁ ହୋଇଛି । ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ଗତ ଶୁକ୍ରବାର ରାତିରେ ପାଟ୍ରୋଲିଂ ପୋଲିସ୍ ଦ୍ରୁତଗତିରେ ଯାଉଥିବା ଏକ ବୋଲେରୋକୁ ଅଟକାଇ ଯାଞ୍ଚ କରିଥିଲା। ତଲାସୀରୁ ଗାଡିରେ ବନ୍ଧୁକ, ଲୁହାଗୁଳି ଓ ଲୁହାରଡ୍ ଆଦି ମାରଣାସ୍ତ୍ର ଥିବା ଜଣା ପଡିଥିଲା। ଅଧିକ ପଚରାଉଚରା ପରେ ଶିକାରୀ ୨ଜଣ ଜଙ୍ଗଲକୁ ବାର୍‌ହା ଶିକାରପାଇଁ ଯାଉଥିବା ପୋଲିସ୍ ନିକଟରେ ସ୍ୱୀକାର କରିଥିଲେ।

**ସଂକ୍ଷେପରେ**

## ୯,୮୭୯ କୋଟିର ପୁଞ୍ଜି ଖର୍ଚ୍ଚକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୧୨।୧୨- ପୁଞ୍ଜି ଖର୍ଚ୍ଚ ବାବଦ ୯,୮୭୯ କୋଟିର ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ଶନିବାର ସ୍ପଷ୍ଟ କରିଛି। ଏ ନେଇ ୨୭ ରାଜ୍ୟ ପ୍ରସ୍ତାବ ଦେଇଥିଲେ। ରାଜ୍ୟଗୁଡିକୁ ପ୍ରଥମ କିସ୍ତିରେ ୪୯୩୯.୮୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ତାମିଲନାଡୁ ବାଦ ସବୁ ରାଜ୍ୟ ପୁଞ୍ଜି ଖର୍ଚ୍ଚର ସ୍ୱତନ୍ତ୍ର ସହାୟତା ଭାବେ ଏଭଳି ଅର୍ଥ ଲାଭ କରିଛନ୍ତି। ଅକ୍ଟୋବର ୧୨ରେ ଘୋଷଣା ହୋଇଥିବା ଆତ୍ମ ନିର୍ଭର ଭାରତ ପ୍ୟାକେଜ ଅଧିନରେ ଏହି ରାଶି ପ୍ରଦାନ କରାଯାଉଛି। ରାଜ୍ୟଗୁଡିକର ପୁଞ୍ଜି ଖର୍ଚ୍ଚକୁ ବଢ଼ାଇବା ଏହି ସ୍କିମର ଲକ୍ଷ୍ୟ ରହିଛି। କୋଭିଡ ଯୋଗୁ ରାଜସ୍ୱ ସଂଗ୍ରହ କମିଥିବାରୁ ରାଜ୍ୟଗୁଡିକର ବିତ୍ତୀୟ ସ୍ଥିତି ବିଗିଡିଛି। ଏହି ପୁଞ୍ଜି ଖର୍ଚ୍ଚ ଅର୍ଥ ବ୍ୟବସ୍ଥା ଲାଗି ଆଗାମୀ ଦିନରେ ଲାଭକାରୀ ହେବ ବୋଲି ମନ୍ତ୍ରଣାଳୟ ଆଶାବାଦୀ ରହିଛି। ଟିକସ ସଂଗ୍ରହ କ୍ଷେତ୍ରରେ କେନ୍ଦ୍ର ସରକାର ମଧ ସମସ୍ୟା ସାମ୍ନା କରୁଛନ୍ତି। ହେଲେ ରାଜ୍ୟଗୁଡିକର ଅଭିବୃଦ୍ଧିକୁ ଧାନରେ ରଖି ଏଭଳି ବ୍ୟବସ୍ଥା କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସ୍ୱାସ୍ଥ୍ୟ, ଗ୍ରାମୀଣ ବିକାଶ, ଜଳ ଯୋଗାଣ, ଜଳସେଚନ, ଶକ୍ତି, ପରିବହନ ଏବଂ ଶିକ୍ଷା ଭଳି କ୍ଷେତ୍ରରେ ଏହି ଅର୍ଥ ରାଶି ଖର୍ଚ୍ଚ ହେବ। ଆତ୍ମ ନିର୍ଭର ଭାରତ ଯୋଜନାରେ ରାଜ୍ୟଗୁଡିକୁ ୧୨ ହଜାର କୋଟି ଟଙ୍କାର ସୁଧ ମୁକ୍ତ ଋଣ ପ୍ରଦାନ କରାଯିବ।

## ୧୧ ଶହ କୋଟି ବେଟିଂ ମାମଲାରେ ଜଣେ ଗିରଫ

ହାଇଦ୍ରାବାଦ, ୧୨।୧୨- ଚାଇନା ବେଟିଂ ଆପ୍ ଦ୍ୱାରା ୧,୧୦୦ କୋଟି ଟଙ୍କାର ବେଟିଂ କାରବାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଗୁଜରାଟର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ଗୁଜରାଟ ଭାବନଗରର ୨୬ ବର୍ଷୀୟ ନାଇଜର କୋଠାରୀ। ସେ ଏକ ଟେକ୍ନୋଲୋଜୀ କମ୍ପାନୀରେ କାମ କରୁଥିଲେ। କୋଠାରୀ ୧୪ କୋଟି ଟଙ୍କାର ନେଣଦେଣ କରିଥିବା ଜଣାପଡିଛି। ବେଆଇନ ଅର୍ଥ କାରବାର ନିରୋଧି ଆଇନ(ପିଏମ୍‌ଏଲ୍‌ଏ) ଅଧିନରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଆର୍ଥିକ ସ୍ଥିତିରେ ସୁଧାର ଆସୁଛି

**ଫିକି ବାର୍ଷିକ ସାଧାରଣ ବୈଠକରେ ମୋଦିଙ୍କ ଅଭିଭାଷଣ**

ନୂଆଦିଲ୍ଲୀ, ୧୨।୧୨



ଭାରତୀୟ ଅର୍ଥ ବ୍ୟବସ୍ଥାରେ ଏବେ ସୁଧାର ପରିଲକ୍ଷିତ ହେଉଛି। ଦେଶରେ ବିଭିନ୍ନ କ୍ଷେତ୍ର ଉତ୍ସାହଜନକ ସ୍ଥିତିକୁ ଫେରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ୯୩ତମ ଭର୍ଚୁଆଲ ବାର୍ଷିକ ସାଧାରଣ ବୈଠକକୁ ସମ୍ବୋଧିତ କରି ସେ କହିଛନ୍ତି, ୨୦୨୦ ଭାରତ ଲାଗି ବହୁ ଘଟଣାବହୁଳ। ଦେଶ ଅନେକ ଉତ୍ଥାନ ପତନ ସାମ୍ନା କରିଛି। ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ସରକାର ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ଦେଶର ସ୍ଥିତିରେ ସୁଧାର ଦ୍ରୁତଗାମୀ ହେଉଥିବା ସେ ସ୍ପଷ୍ଟ କରିଛନ୍ତି।

ଏହି ଅବସରରେ ମୋଦି ଫିକିର ଭର୍ଚୁଆଲ ଆନୁଆଲ ଏକ୍ସପୋକୁ ମଧ ଶୁଭାରମ୍ଭ କରି କହିଛନ୍ତି, ଉଦ୍ୟୋଗୀ, କୃଷକ, ଯୁବକ ଏବଂ ଲୋକଙ୍କ ଲାଗି ଋଣ ବ୍ୟବସ୍ଥା ଉପରେ ସରକାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏଭଳି ସମୟରେ ଘରୋଇ ବଜାରର ଚାହିଦା ପୂରଣ ଲାଗି ଦେଶର ଘରୋଇ କ୍ଷେତ୍ର ସକ୍ଷମ ହେବା ସହ ବିଶ୍ୱସ୍ତରରେ ଏକ ପରିଚୟ ତିଆରି କରିପାରିଛି। ଟେକ୍ନୋଲୋଜି ଭିତ୍ତିକ ଶିଳ୍ପ କ୍ଷେତ୍ର ଦ୍ୱାରା ଭାରତକୁ ଆହୁରି ପ୍ରତିଦ୍ୱନ୍ଦ୍ୱୀ କରାଇବାକୁ ମୋଦି ଆହ୍ୱାନ ଜଣାଇଛନ୍ତି। ମହାମାରୀ ସମୟରେ ବ୍ୟାଙ୍କ ଖାତାରେ ସିଧାସଳଖ ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର(ଡିବିଟି) ଯୋଜନା ଲାଗୁ କରି ଭାରତ ବିଶ୍ୱ ସ୍ତରରେ ଅନେକ ସମ୍ମାନ ଲାଭ କରିଛି। ଜନଧନ, ଆଧାର ଏବଂ ମୋବାଇଲ (ଜାମ୍) ଦ୍ୱାରା ସର୍ବବୃହତ୍ ଡିବିଟି କାର୍ଯ୍ୟକ୍ରମକୁ ନିଶ୍ଚିତ କରାଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଗୋଟିଏ କ୍ଲିକ୍‌ରେ ଦେଶର ପ୍ରତି କୋଣକୁ ଲୋକଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଅର୍ଥ ଯୋଗାଇ ଦିଆଯାଇଛି ବୋଲି ଥିବା ସେ ମତବ୍ୟକ୍ତ କରିଛନ୍ତି।

ସେ ପୁଣି କହିଛନ୍ତି, ୟୁନାଇଟେଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) ପ୍ଲାଟ୍‌ଫର୍ମରେ ପ୍ରତି ମାସରେ ୪ ଲକ୍ଷ କୋଟି ଟଙ୍କାର ନେଣଦେଣ ହେଉଛି। ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ବିଭିନ୍ନ କ୍ଷେତ୍ରକୁ ଉତ୍ସାହିତ କରିବାରେ ସହାୟକ ହେଉଛି। ଭାରତକୁ ଗ୍ଲୋବାଲ ଚାମ୍ପିୟନ ଭାବେ ଗଢି ତୋଳିବା ଲାଗି ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ଯୋଜନା(ପିଏଲ୍‌ଆଇ)ରେ ବିଭିନ୍ନ କ୍ଷେତ୍ରକୁ ସହାୟତା ଯୋଗାଇ ଦିଆଯାଉଛି। ମହାମାରୀ ସମୟରେ ଦେଶ ଯେଉଁ ଶିକ୍ଷା ଲାଭ କରିଛି ଆଗାମୀ ଦିନରେ ଦୃଢ ଭାବେ ଛିଡ଼ା ହେବାକୁ ଏହା ଶକ୍ତି ଯୋଗାଇବ। ମହାମାରୀ ସମୟରେ ଭାରତ ଜୀବନ ରକ୍ଷାକୁ ପ୍ରାଥମିକତା ଦେଇଛି । ମହାମାରୀ ଯୋଗୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ଏହାର ସମାଧାନ ଏବେ ମିଳିଛି ବୋଲି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଶିଳ୍ପ ଉତ୍ପାଦନ ୮ ମାସର ସର୍ବୋଚ୍ଚ ସ୍ତରରେ

ନୂଆଦିଲ୍ଲୀ, ୧୨।୧୨



ଦେଶର ଶିଳ୍ପ କ୍ଷେତ୍ର ଉତ୍ପାଦନ ଅକ୍ଟୋବର ମାସରେ ୮ ମାସର ସର୍ବୋଚ୍ଚ ସ୍ତର ୩.୬% ରହିଛି। ଲଗାତର ଦ୍ୱିତୀୟ ମାସ ଲାଗି ଏଭଳି ଅଭିବୃଦ୍ଧି ଦେଖାଯାଇଛି। ମାନୁଫାକ୍ଚରିଂ ଉନ୍ନତି, ପାର୍ବଣ ଚାହିଦା ବୃଦ୍ଧି, କଞ୍ଜ୍ୟୁମର ଡ୍ୟୁରେବଲ୍ସ କ୍ଷେତ୍ର ଏବଂ ବିଦ୍ୟୁତ୍ ଚାହିଦା ବଢ଼ିବା ଯୋଗୁ ଏଭଳି ସ୍ଥିତି ପରିବର୍ତ୍ତନ ହୋଇଛି। ଲକ୍‌ଡାଉନ ପରେ ସ୍ଥିତିରେ ଉନ୍ନତି ଆସୁଥିବା ଏଭଳି ଡାଟା ଆଭାସ ଦେଉଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ) ପକ୍ଷରୁ ଶୁକ୍ରବାର ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଡାଟା ସାମ୍ନାକୁ ଆସିଛି। ଏହା ସେପ୍ଟେମ୍ବର ମାସରେ ୦.୫% ରହିଥିବା ବେଳେ ଅକ୍ଟୋବରରେ ୩.୬%କୁ ବଢିଛି। ଗତ ବର୍ଷ ଅକ୍ଟୋବରରେ ଆଇଆଇପି ୬.୬% ହ୍ରାସ ହୋଇଥିଲା। ଚଳିତ ବର୍ଷ ଏପ୍ରିଲ ମାସରୁ ଅକ୍ଟୋବର ମଧ୍ୟରେ ଆଇଆଇପି କଥା ବିଚାରକଲେ ଏହା ୧୭.୫% ହ୍ରାସ ପାଇଛି। ଏହା ଗୋଟିଏ ବର୍ଷ ତଳେ ସମାନ ସମୟରେ ୦.୧% ନିମ୍ନରେ ରହିଥିଲା। ଲକ୍‌ଡାଉନ ଯୋଗୁ ଦେଶର ମାନୁଫାକଚରିଂ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥିଲା। ଅକ୍ଟୋବରରେ ଏହା ୩.୫% ବଢିଛି। ଗୋଟିଏ ବର୍ଷ ତଳେ ସମାନ ସମୟରେ ଏହା ୫.୭% ଖସିଥିଲା। ସେହିଭଳି ଚଳିତ ବର୍ଷ ଅକ୍ଟୋବରରେ ବିଦ୍ୟୁତ୍ କ୍ଷେତ୍ର ୧୧.୨% ବଢିଛି। ଏହା ଗତ ବର୍ଷ ଅକ୍ଟୋବରରେ ୧୨.୨% ଖସିଥିଲା। ପାର୍ବଣ ଯୋଗୁ କଞ୍ଜ୍ୟୁମର ଡ୍ୟୁରେବଲ୍ସ ୧୭.୬% ବଢିଛି। ଏହି ସମୟରେ ଅଣ କଞ୍ଜ୍ୟୁମର ଡ୍ୟୁରେବଲ୍ସ କ୍ଷେତ୍ରରେ ୭.୫% ବୃଦ୍ଧି ଘଟିଥିବା ନଜରକୁ ଆସିଛି।

# ଟୟୋଟା ପକ୍ଷରୁ ୱିଣ୍ଟର କ୍ୟାମ୍ପେନ

ଭୁବନେଶ୍ୱର,୧୨।୧୨

ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ୱିଣ୍ଟର କ୍ୟାମ୍ପେନ ସହ ଟୟୋଟା କ୍ୟୁ-ସର୍ଭିସ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀ ତା'ର ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ପ୍ରଦାନର ପ୍ରତିଶ୍ରୁତି ପାଳନ କରିବାକୁ ଯାଉଛି। ଚଳିତ ମାସ ବା ଶୀତ ଋତୁରେ ଏହା ଟୟୋଟା ଗ୍ରାହକଙ୍କୁ ଏକ ସ୍ୱତନ୍ତ୍ର କ୍ୟୁରେଟେଡ୍ ପ୍ୟାକେଜ ଉପଲବ୍ଧ କରାଇବାକୁ ସକ୍ଷମ ହେବ। ପୂର୍ବାଞ୍ଚଳରେ ଏହି ରିଜିଓନାଲ ୱିଣ୍ଟର କ୍ୟାମ୍ପେନ ଆରମ୍ଭ ହୋଇଛି। ଏହାର ଶୀର୍ଷକ 'ୱାର୍ମ ଅପ୍ ଦିସ୍ ଡିସେମ୍ବର ୱିଥ୍ ଟୟୋଟା କ୍ୟୁ ସର୍ଭିସ' ରହିଛି। ଏହାଦ୍ୱାରା ୨୦-ପଏଣ୍ଟ ଚେକ୍ ଅପ୍ ସହ ପିରିୟଡିକ ମେଣ୍ଟେନାନ୍ସ କାର-କେୟାର ଏବଂ ଟାୟାର ପରିବର୍ତ୍ତନ ଭଳି ସୁବିଧା ଯୋଗାଇ ଦିଆଯାଉଛି। ଏହି ଅଭିଯାନ ୨୦୨୦ ଡିସେମ୍ବର ୧ ରୁ ୩୧ ପର୍ଯ୍ୟନ୍ତ ଜାରି ରହିବ। ଏହା ଜରିଆରେ ଗ୍ରାହକଙ୍କୁ ମାଗଣା ଚେକ୍‌ଅପ୍, ଇଞ୍ଜିନ ଅଏଲ ଚେଞ୍ଜ ଏବଂ ପିରିୟଡିକ ମେଣ୍ଟାନାନ୍ସ କ୍ଷେତ୍ରରେ ରିହାତି ଯୋଗାଇ ଦିଆଯିବ। ସେହିପରି କାର କେୟାର କ୍ଷେତ୍ରରେ ୧୫% ରିହାତି ସହ ୨ରୁ ୩ଟି ଟାୟାର କିଣିଲେ ହ୍ୱିଲ ଆଲାଇନମେଣ୍ଟ ଏବଂ ବାଲାନ୍ସିଂରେ ୫୦% ରିହାତି ଉପଲବ୍ଧ ହେବ। ଅପରପକ୍ଷରେ ୪ଟି ଟାୟାର କିଣିବା ସ୍ଥଳେ ହ୍ୱିଲ ଆଲାଇନମେଣ୍ଟ ଏବଂ ବାଲାନ୍ସିଂରେ ୧୦୦% ରିହାତି ମିଳିବ ବୋଲି ଟୟୋଟା କିର୍ଲୋସ୍କର ମୋଟର୍ସର ସେଲ୍ସ ଏବଂ ସର୍ଭିସ୍‌ର ବରିଷ୍ଠ ଉପସଭାପତି ନବୀନ ସୋନି କହିଛନ୍ତି। ଏହି କ୍ୟାମ୍ପେନ ଓ ସର୍ଭିସ୍ ସହ ଅଫର ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ବିହାର, ଛତିଶଗଡ଼, ଝାଡଖଣ୍ଡ, ମେଘାଳୟ, ନାଗାଲାଣ୍ଡ, ମଣିପୁର ଏବଂ ସିକ୍କିମ ଭଳି ରାଜ୍ୟର ଟୟୋଟା ସର୍ଭିସ ସେଣ୍ଟରଗୁଡିକରେ ଉପଲବ୍ଧ ହେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ୟାଟ୍‌ସ ପାଇଁ ଦିନିକିଆ ଅଧିବେଶନ

ଭୁବନେଶ୍ୱର,୧୨।୧୨

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ପଠାଣି ସାମନ୍ତ ପ୍ଲାନେଟୋରିୟମ ଏବଂ ଟାଟା ଷ୍ଟିଲ୍ ପକ୍ଷରୁ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ) ଆୟୋଜନ କରାଯାଉଛି। ୟାଟ୍‌ସ-୨୦୨୦ ପାଳନର ଅଂଶ ସ୍ୱରୂପ ରବିବାର କିମ୍ବଦନ୍ତୀ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ୧୮୫ତମ ଜନ୍ମବାର୍ଷିକୀ ପାଳନ କରାଯିବ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଛାତ୍ରୀଛାତ୍ରଙ୍କ ପାଇଁ ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନ କ୍ଷେତ୍ରର ବିଭିନ୍ନ ବିଶେଷଜ୍ଞଙ୍କୁ ନେଇ ଦିନିକିଆ ଜ୍ଞାନ କର୍ମଶାଳା ଏବଂ ଭାବ ବିନିମୟ ଅଧିବେଶନ ଅନୁଷ୍ଠିତ ହେବ। ସେହିଭଳି ଜ୍ୟୋତିର୍ବିଜ୍ଞାନ ଉପରେ ଏକ ଶୋ' ମଧ୍ୟ ଏଥି ସାମିଲ ରହିଛି।

# ଜିଏସ୍‌ଟି ପଞ୍ଜୀକରଣ ହରାଇଲେ ୧.୬ ଲକ୍ଷ ସଂସ୍ଥା

**ଆଉ ୨୮, ୬୩୫ ଟିକସଦାତାଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**

ନୂଆଦିଲ୍ଲୀ, ୧୨।୧୨




ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ବ୍ୟବସ୍ଥାରେ ୧.୬ ଲକ୍ଷ ସଂସ୍ଥା ପଞ୍ଜୀକରଣ ହରାଇଛନ୍ତି। ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହି ସଂସ୍ଥାଗୁଡିକ ରିଟର୍ନ ଫାଇଲ କରି ନ ଥିଲେ। ଫଳରେ ଟିକସ କର୍ତ୍ତୃପକ୍ଷ ଏମାନଙ୍କ ପଞ୍ଜୀକରଣକୁ ରଦ୍ଦ କରିଥିବା ଶନିବାର ଜଣାପଡିଛି। ସେହିଭଳି ଜାଲିଆତି କରି ରିଫଣ୍ଡ ପାଇବା ଲାଗି କିଛି ସଂସ୍ଥା କାରସାଦି କରିଥିବା ନଜରକୁ ଆସିଛି। ଟିକସ ଫାଇଲିଂରେ ବିଭିନ୍ନ ଅନିୟମିତତା ଅଭିଯୋଗରେ ୧୩୨ ଜଣ ଗିରଫ ହୋଇଛନ୍ତି। ଗତ ମାସେ ମଧ୍ୟରେ ଏଭଳି ଘଟଣା ସାମ୍ନାକୁ ଆସିଛି। ସାରା ଦେଶରେ ଅପରେଶନ ଦ୍ୱାରା ଏଭଳି ଘଟଣାର ପର୍ଦ୍ଦାଫାଶ ହୋଇଛି।

ବେଆଇନ ଜାଲ୍ ଇନ୍‌ପୁଟ ଟାକ୍ସ କ୍ରେଡିଟ ସୁବିଧା କରାଇଦେବା ଅଭିଯୋଗରେ ୪ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଜଣେ ମହିଳାଙ୍କ ଗିରଫ ଭଳି ଘଟଣା ମଧ ନଜରକୁ ଆସିଛି। ନଭେମ୍ବର ମଧ ଭାଗରୁ ଏଭଳି ବିଭିନ୍ନ ୧୪୩୦ ମାମଲା ଦାୟର ହୋଇଛି। ୪୫୮୬ ସଂସ୍ଥା ଜାଲ୍ ବୋଲି ଜଣାପଡିଛି। ଏଭଳି ବିଭିନ୍ନ ଘଟଣାକୁ ନଜରରେ ରଖି ୧.୬ ଲକ୍ଷ ସଂସ୍ଥାଙ୍କ ପଞ୍ଜୀକରଣ ବାତିଲ କରାଯାଇଥିବା ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ୧.୨ କୋଟିରୁ ଊର୍ଦ୍ଧ୍ୱ ସଂସ୍ଥା ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ଅଛନ୍ତି।

ଜଣେ ଅଧିକାରୀ କହିଛନ୍ତି ଯେ, ଜିଏସ୍‌ଟିଏନ୍‌ରେ ପଞ୍ଜୀକରଣ କରିଥିବା ସଂସ୍ଥାଗୁଡିକ ମଧ୍ୟରୁ ଯେଉଁଗୁଡିକ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ରିଟର୍ନ ଫାଇଲ କରିନାହାନ୍ତି ସେଗୁଡିକୁ ପ୍ରଥମେ ନୋଟିସ ଦିଆଯାଇଥିଲା। ଏହା ପରେ ପଞ୍ଜୀକରଣ ବାତିଲ କରାଯାଇଛି। ଏହା ଷ୍ଟାଣ୍ଡାର୍ଡ ପ୍ରୋସେଜିଅର ବୋଲି ଅଧିକାରୀ ମତ ରଖିଛନ୍ତି। ସେହିଭଳି ଆଉ ୨୮,୬୩୫ ଟିକସଦାତା ଜିଏସ୍‌ଟି ଆର୍ ୩ବି ଫାଇଲ କରିନାହାନ୍ତି। ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏହି ସଂସ୍ଥାଗୁଡିକ ରିଟର୍ନ ଭରି ନାହାନ୍ତି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଜିଏସ୍‌ଟି କମିଶନରଙ୍କୁ କୁହାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଦରଦ କାହିଁ

ପ୍ରଥମ ପୃଷ୍ଠାରୁ...

ଏଫ୍‌ଏସ୍‌ଏସ୍‌ଏରୁ ଫଳମୂଳ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ମିଳି ନ ଥାଏ କି ସେମାନଙ୍କ ଉତ୍ପାଦନ କ୍ଷମତା ବଢ଼ି ନ ଥାଏ। ତେଣୁ ଶୀତଳଭଣ୍ଡାର ଆବଶ୍ୟକ ହେଉ ନ ଥିବା ଏବଂ ଦୀର୍ଘଦିନ ଧରି ସହଜରେ ମହଜୁଦ ରହିପାରୁଥିବା ଖାଦ୍ୟଶସ୍ୟକୁ ନେଇ ବିନା ଦାବି ବା ପ୍ରୟୋଜନରେ ଆଇନ ପ୍ରଣୟନ କରାଯାଇଥିବାରୁ ଅନ୍ନଦାତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି।

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ତଥ୍ୟ ଅନୁସାରେ ଭାରତରେ ବାର୍ଷିକ ପ୍ରାୟ ୨୮୦ ନିୟୁତ ଟନ୍ ଖାଦ୍ୟଶସ୍ୟ ଓ ଡାଲିଜାତୀୟ ଶସ୍ୟ ଉତ୍ପାଦନ ହୋଇଥାଏ। ଏଭଳି ଶସ୍ୟଜାତୀୟ ସାମଗ୍ରୀ ମହଜୁଦ ରଖି କୃଷକଙ୍କୁ ଏମ୍‌ଏସ୍‌ପି ଦେବା ଓ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୧୯୬୪ ମସିହାରେ ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ) ପ୍ରତିଷ୍ଠା କରାଯାଇଥିଲା। ଏହି ବ୍ୟବସ୍ଥାରେ ଥିବା ତ୍ରୁଟି ବିଚ୍ୟୁତିକୁ ଦେଖି ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାରଙ୍କ ଦ୍ୱିତୀୟ ପାଳି (୨୦୧୨)ରେ ତତ୍କାଳୀନ ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ କେ.ଭି. ଥୋମାସ୍ ଏଫ୍‌ସିଆଇକୁ ଏକ 'ଧଳା ହାତୀ'ର ଆଖ୍ୟା ଦେଇଥିଲେ। ୨୦୧୪ରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ମୋଦିଙ୍କ ଏନ୍‌ଡିଏ-୧) କ୍ଷମତାକୁ ଆସିଲା। ଚାଷୀକୁଳ ଭାବିଥିଲେ ଏହି ସରକାରରେ ଆମେ ଉଦ୍ଧାର ହୋଇଯିବୁ। ହେଲେ ଅଦ୍ୟାବଧି ଏଫ୍‌ସିଆଇର ରଙ୍ଗ, ରୂପରେଖରେ ବିଶେଷ ପରିବର୍ତ୍ତନ ଅଣାଯାଇ ପାରିନାହିଁ। ସରକାର ବ୍ୟବସ୍ଥାଗତ ତ୍ରୁଟି ସୁଧାରିବା ପରିବର୍ତ୍ତେ କୃଷି ସଂସ୍କାର ନାମରେ ଭୁଲ କରିଚାଲିଥିବା ଅନେକ ସମାଲୋଚକ ମତ ଦିଅନ୍ତି। ଗତ ସେପ୍ଟେମ୍ବରରେ କେନ୍ଦ୍ର ସରକାର କୃଷକଙ୍କ ଉନ୍ନତି ନିମନ୍ତେ ୩ଟି ନୂଆ ଆଇନ ଆଣିଥିଲେ। ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରୋଟେକ୍ସନ ଆଣ୍ଡ ଫାସିଲିଟି) ଆକ୍ଟ, ଫାର୍ମର୍ସ (ଏମ୍ପାୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ୍ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ୍ ଆକ୍ଟ ଏବଂ ଏସେନ୍ସିଆଲ କମୋଡିଟିଜ୍ (ଆମେଣ୍ଡମେଣ୍ଟ) ଆକ୍ଟ ନୂଆ କୃଷି ଆଇନ, ୨୦୨୦ ନାମରେ ବହୁଚର୍ଚ୍ଚିତ। ଉକ୍ତ ଆଇନ ଯୋଗୁ ଚାଷୀଙ୍କୁ ଆଉ ଏମ୍‌ଏସ୍‌ପି ମିଳିବନି, ତାଙ୍କ ମୂଲଚାଲ କ୍ଷମତା ହ୍ରାସ ପାଇବ ଏବଂ ପୁଞ୍ଜିପତିମାନେ ସେମାନଙ୍କ ଜମି ମାଡ଼ିବସିବେ ବୋଲି ଦେଶର କୃଷକମାନେ ଆତଙ୍କିତ ହୋଇଯାଇଛନ୍ତି। ଅକାରଣେ ଅଣାଯାଇଥିବା ଏହି ବିବାଦୀୟ ଆଇନ ଉଚ୍ଛେଦ ଦାବିରେ ଶତାଧିକ କୃଷକ ସଙ୍ଗଠନ ଗତ ନଭେମ୍ବର ୨୬ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କେନ୍ଦ୍ର ସରକାର ସେମାନଙ୍କ କଥା ଶୁଣୁ ନ ଥିବାରୁ ଦେଶରେ ୧୭ ଦିନ ଧରି ଅଚଳାବସ୍ଥା ଲାଗିରହିଛି। ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଚାଷୀକୁଳ ଚେତାବନୀ ଦେଇଛନ୍ତି। ଏପରିକି ସରକାର ଓ ଶିଳ୍ପପତିଙ୍କ ମଧ୍ୟରେ ଅସାଧୁ ମେଣ୍ଟ ହୋଇଥିବା ସନ୍ଦେହ କରି ସେମାନେ ଆଦାନୀ-ଅମ୍ବାନୀଙ୍କ ସେବା ଓ ସାମଗ୍ରୀଗୁଡ଼ିକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଅନ୍ୟପକ୍ଷେ ସେହି କୃଷି ମନ୍ତ୍ରଣାଳୟର ୱେବ୍‌ସାଇଟ୍ କହୁଛି ଯେ, ଦେଶରେ ବର୍ଷକୁ ୩୨୦ ନିୟୁତ ଟନ୍ ଫଳମୂଳ, ପନିପରିବା ଓ ଡେଏରି ପ୍ରଡକ୍ଟ ଭଳି ପଚନଶୀଳ ଖାଦ୍ୟ ସାମଗ୍ରୀ ଉତ୍ପାଦନ ହେଉଛି। ତୁଳନାତ୍ମକ ଭାବେ ଖାଦ୍ୟଶସ୍ୟଠାରୁ ଏଭଳି ସାମଗ୍ରୀର ପରିମାଣ ଅଧିକ ହୋଇଥିଲେ ମଧ୍ୟ ଏସବୁର ସଂରକ୍ଷଣ, ମୂଲ୍ୟ ନିର୍ଦ୍ଧାରଣ ଓ ପ୍ରୋତ୍ସାହନ ପାଇଁ ଉପଯୁକ୍ତ ଆଇନ ପ୍ରଣୟନ କିମ୍ବା ନୀତି ନିର୍ଦ୍ଧାରଣ କରାଯାଉନାହିଁ। ନୀତି ନିର୍ଦ୍ଧାରକଙ୍କ ଭୁଲ ନିଷ୍ପତ୍ତି ଯୋଗୁ ଦେଶରେ ଖାଦ୍ୟ ସଙ୍କଟ ଉତ୍କଟ ହେବାରେ ଲାଗିଛି।

ପଚନଶୀଳ ଖାଦ୍ୟ ପରିବହନ କ୍ଷେତ୍ରରେ ମଧ୍ୟ ଭାରତରେ ବିଶେଷ ଅଗ୍ରଗତି ଦେଖିବାକୁ ମିଳେନାହିଁ। ଚାଷୀ ନିଜ ଉତ୍ପାଦିତ ସାମଗ୍ରୀ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜ ଓ ସୁବିଧାରେ ବିକ୍ରି ପାଇଁ ନେଇପାରନ୍ତି ନାହିଁ। କାରଣ ସେଗୁଡ଼ିକ ପରିଶଢ଼ିଯିବା ଆଶଙ୍କା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷ ବଜେଟରେ କେନ୍ଦ୍ର ସରକାର ପରିବହନ ଓ ଯନ୍ତ୍ରପାତି ଯୋଗାଣ ଭିତ୍ତିଭୂମିର ବିକାଶ ପାଇଁ ୨୩ ବିଲିୟନ ଡଲାର ଆବଣ୍ଟନ କରିଥିଲେ। ସେଥିରୁ ପରିବହନ କ୍ଷେତ୍ର ଲାଗି ୧.୭ ଲକ୍ଷ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବାବେଳେ ରାସ୍ତା ପାଇଁ ୧୯.୬ ଲକ୍ଷ କୋଟି, ରେଳୱେ ପାଇଁ ୧୩.୬୯ ଲକ୍ଷ କୋଟି, ବିମାନବନ୍ଦରକୁ ୧.୪୩ ଲକ୍ଷ କୋଟି ଓ ବନ୍ଦର ଲାଗି ୧.୦୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟରେ ଘୋଷଣା କରିଥିଲେ। ଅର୍ଥମନ୍ତ୍ରୀ ୨୦୨୪ ସୁଦ୍ଧା ଦେଶରେ ୧୦୦ଟି ନୂଆ ବିମାନବନ୍ଦର ନିର୍ମାଣ ସହ କୃଷକଙ୍କ ପଚନଶୀଳ ଖାଦ୍ୟ ପରିବହନ ପାଇଁ ବିମାନ ଓ ଟ୍ରେନ୍‌ରେ ଶୀତଳଭଣ୍ଡାର ବ୍ୟବସ୍ଥା, ଏବଂ ଇ-ଲଜିଷ୍ଟିକ୍ ମାର୍କେଟ ପ୍ରତିଷ୍ଠାର ପ୍ରତିଶ୍ରୁତି ଦେଇଥିଲେ। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ସରକାରୀ-ଘରୋଇ ସହଭାଗିତା (ପିପିପି) ମୋଡ୍‌ରେ 'କୃଷି ଟ୍ରେନ୍' ଓ 'କୃଷି ଉଡାନ' ପ୍ରକଳ୍ପ ପ୍ରତିଷ୍ଠା ପାଇଁ ମଧ ବଜେଟରେ ବ୍ୟବସ୍ଥା କରାଯାଇଥିଲା। ଏହି ପ୍ରୋଜେକ୍ଟରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଫଳ ଓ ପନିପରିବାକୁ ଶୀତଳଭଣ୍ଡାର ବ୍ୟବସ୍ଥା ଥିବା ଟ୍ରେନ୍ ଓ ବିମାନରେ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ କମ୍ ପରିବହନ ଖର୍ଚ୍ଚରେ ଓ ସ୍ୱଳ୍ପ ଅବଧି ମଧ୍ୟରେ ନେଇ ବିକ୍ରିକରିପାରିବେ ବୋଲି କୁହାଯାଇଥିଲା। କିନ୍ତୁ ଗତ ଅଗଷ୍ଟ ୭ରେ ପାଇଲଟ୍ ପ୍ରୋଜେକ୍ଟରେ ଏହି ଧରଣର ମାତ୍ର ଗୋଟିଏ ଟ୍ରେନ୍‌ର ଶୁଭାରମ୍ଭ କରାଯାଇଥିଲା, ଯାହାକି ମହାରାଷ୍ଟ୍ରର ଦେଓଲାଲିରୁ ବିହାରର ଦାନାପୁରକୁ ଚଳାଚଳ କରିଥାଏ। କୃଷି ଉଡାନ ସ୍କିମରେ ମଧ ଗୋଟିଏ ବିମାନ ମିଜୋରାମର ଲେଙ୍ଗପୁଇ ବିମାନବନ୍ଦରରୁ କୋଲକାତା ଦେଇ ଗୁଆହାଟୀ ବିମାନବନ୍ଦରକୁ ଯାଇଥାଏ। ଏହି ସେବା ଅଗଷ୍ଟ ୨୬ରେ ଆରମ୍ଭ ହୋଇଥିଲା। ବର୍ଷ ଶେଷ ହେବାକୁ ଯାଉଥିବାବେଳେ ସରକାରଙ୍କ ଏହି ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇନାହିଁ। ଓଲଟା ବୋଝ ଉପରେ ନଳିତା ବିଡ଼ା ସଦୃଶ ତେଲ ଦର ବୃଦ୍ଧିପାଇବାରେ ଲାଗିଛି। ନଭେମ୍ବର ୧୯ରୁ ତୈଳ ବିପଣନ କମ୍ପାନୀଗୁଡ଼ିକ ପେଟ୍ରୋଲ ଲିଟର ପିଛା ୨ଟଙ୍କା ଓ ଡିଜେଲ ୩.୫୦ ଟଙ୍କା ବଢ଼ାଇସାରିଲେଣି। ଭୁବନେଶ୍ୱରରେ ପେଟ୍ରୋଲ ୮୪.୩୪ ଓ ଡିଜେଲ ୮୪.୪୬ ଟଙ୍କାରେ ପହଞ୍ଚିଥିବାବେଳେ ଅନ୍ୟ କେତେକ ମେଟ୍ରୋ ସହରରେ ଏହା ଆହୁରି ଅଧିକ। ଏହି କାରଣରୁ ଚାଷୀଙ୍କ ସାମଗ୍ରୀ ପରିବହନ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଏହି ସବୁ ଅବହେଳା, ଅଣଦେଖା, ଅବ୍ୟବସ୍ଥା ଓ ଅଚଳାବସ୍ଥାକୁ ନେଇ ଭାରତୀୟ କୃଷକମାନେ କେନ୍ଦ୍ର ସରକାରଙ୍କୁ ତୁହାକୁ ତୁହା ପ୍ରଶ୍ନ କରୁଛନ୍ତି, 'ଆମ ପାଇଁ ତୁମ ଦରଦ କାହିଁ?'

**ଉତ୍ପାଦନରେ ଆଗୁଆ, ଭୋକିଲା ବି ଅଧିକ**

ଗତ ଅକ୍ଟୋବର ୧୯ରେ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କ-୨୦୨୦ ଅନୁସାରେ ପୃଥିବୀର ୧୦୭ଟି ଭୋକିଲା ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ହେଉଛି ୯୪। ଭାରତର ସ୍ଥିତିକୁ ଏଥିରେ 'ଅତ୍ୟନ୍ତ ଗମ୍ଭୀର' ବୋଲି ଦର୍ଶାଯାଇଥିବାବେଳେ ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ, ନେପାଳ ଓ ଇଣ୍ଡୋନେସିଆ ଆମଠାରୁ ଭଲ ଅବସ୍ଥାରେ ଅଛନ୍ତି। ରିପୋର୍ଟ ଅନୁଯାୟୀ ଭାରତର ୧୪% ଲୋକ କୁପୋଷଣର ଶିକାର ହେଉଛନ୍ତି। 'ଗ୍ଲୋବାଲ୍ ନ୍ୟୁଟ୍ରିଶନ ରିପୋର୍ଟ' ଅନୁସାରେ ବିଶ୍ୱରେ କୁପୋଷଣର ଶିକାର ମୋଟ ଶିଶୁଙ୍କ ସଂଖ୍ୟାର ଏକ-ତୃତୀୟାଂଶ ହେଉଛନ୍ତି ଭାରତର। ଖାଦ୍ୟ ନଷ୍ଟକୁ ଏହାର ମୁଖ୍ୟ କାରଣ ଭାବେ ଦର୍ଶାଯାଇଛି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଭାରତ ହେଉଛି ବିଶ୍ୱରେ ପ୍ରଥମ। ବିଶ୍ୱର ୨୨% ଦୁଗ୍ଧ ଉତ୍ପାଦନ ଆମ ଦେଶରେ ହୋଇଥାଏ। ସେହିପରି ଚାଇନା ପରେ ଭାରତ ହେଉଛି ପୃଥିବୀର ଦ୍ୱିତୀୟ ବୃହତ୍ତମ ଫଳ ଓ ପରିବା ଉତ୍ପାଦନକାରୀ ରାଷ୍ଟ୍ର। ଏହା ସତ୍ତ୍ୱେ ଭାରତରେ ବର୍ଷକୁ ପ୍ରାୟ ୫୦% କ୍ଷୀର, ଫଳ ଓ ପନିପରିବା ନଷ୍ଟ ହୋଇଥାଏ, ଯାହାର ଆନୁମାନିକ ମୂଲ୍ୟ ୬୦,୦୦୦ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଏହାର କାରଣଗୁଡ଼ିକୁ ଅନୁଧ୍ୟାନ କଲେ ଭାରତର କୋଲ୍ଡ ଷ୍ଟୋରେଜ୍ ସିଷ୍ଟମ୍ ବା ଶୀତଳଭଣ୍ଡାର ବ୍ୟବସ୍ଥାର ଦୁର୍ବଳତା ପଦାକୁ ଆସିଥାଏ। ୨୦୧୭ରେ ସାରା ଦେଶରେ ୬,୩୦୦ଟି ଶୀତଳଭଣ୍ଡାର ଥିଲା, ଯାହାର ଫଳମୂଳ ଓ ପନିପରିବା ମହଜୁଦ କ୍ଷମତା ମୋଟ ଉତ୍ପାଦନର ମାତ୍ର ୧୧%। ବର୍ତ୍ତମାନ ଏହି ସଂଖ୍ୟା ୮୧୮୬କୁ ବଢ଼ିଥିବା ସରକାରୀ ସୂତ୍ରରୁ ପ୍ରକାଶ।

**ରାଜ୍ୟ ଖବର**

## ଆଉ ୨ ଦିନ ଘନକୁହୁଡ଼ି

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, କନ୍ଧମାଳ ଏବଂ ରାୟଗଡା ଜିଲାରେ ଘନ କୁହୁଡି ହେବ। ଯାତାୟାତରେ ବାଧା ସୃଷ୍ଟି ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୪ ତାରିଖରେ ଜଗତ୍‌ସିଂହପୁର, କଟକ, ନୟାଗଡ଼, ବୌଦ୍ଧ, କନ୍ଧମାଳ, ରାୟଗଡା, କୋରାପୁଟ ଏବଂ ନୟାଗଡ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ କୁହୁଡି ହେବ । କୁହୁଡି ଯୋଗୁ ରାଜ୍ୟରେ ଶୀତ ହ୍ରାସ ପାଇଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ୧୦ରୁ ୧୯ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି।

## ବିଧାୟକଙ୍କ ଗିରଫ ଦାବି କଲା ମହିଳା ସମିତି

ଭଦ୍ରକ ଅଫିସ,୧୨।୧୨

ଧାମନଗର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ଗିରଫ ଦାବି କରିଛି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି। ଏ ନେଇ ସମିତି ପକ୍ଷରୁ ଶନିବାର ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ମାନବ ଅଧିକାର ଦିବସ ପାଳନ ଅବସରରେ ବିଧାୟକ ସେଠୀ ଅତିଥି ଭାବେ ଯୋଗଦେଇ ନାରୀମାନଙ୍କ ପ୍ରତି ଅଭଦ୍ରୋଚିତ ଅସାମ୍ବିଧାନିକ ମନ୍ତବ୍ୟ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସର୍ବଭାରତୀୟ ସମ୍ପାଦିକା ତାପସୀ ପ୍ରହରାଜ ବିଧାୟକ ସେଠୀଙ୍କ ବିରୋଧରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଗିରଫ କରିବାକୁ ସମିତି ପକ୍ଷରୁ ଜିଲା ଶାଖା ସଭାପତି ପ୍ରତିଭା ଜେନା, ସମ୍ପାଦିକା ମମତା ଜେନା, ସୁମତୀ ନାୟକ, ଶିଖା ମହାପାତ୍ର, ସୀତାରାଣୀ ଦାଶ, ରୋଜାଲିନ ସାମ୍ୟବାଦୀ, କାମିନୀ ଭୋଇ, ଶାନ୍ତିଲତା ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଧାୟକ ସେଠୀ ସେଭଳି କିଛି ମନ୍ତବ୍ୟ ଦେଇ ନ ଥିବା, ବରଂ ସେ ମହିଳାମାନଙ୍କୁ ସମ୍ମାନ ଦିଅନ୍ତି ବୋଲି ପ୍ରତିକ୍ରିୟା ରଖିଛନ୍ତି।

# ମନ୍ଥର ତଦନ୍ତକୁ ନେଇ ପ୍ରଶ୍ନ

**ଶିଶୁ ନିଖୋଜ ପ୍ରସଙ୍ଗ**

- ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ: କଂଗ୍ରେସ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡି ପଡିଛି। ୨୦୧୭ରୁ ଏପର୍ଯ୍ୟନ୍ତ ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ଶିଶୁ ନିର୍ଦ୍ଦିଷ୍ଟ ମାମଲା ରହିଥିବା ବେଳେ ତଦନ୍ତ ହାର ଅତ୍ୟନ୍ତ ନଗଣ୍ୟ । ୨୦୧୬ ସେପ୍ଟେମ୍ବରରୁ ଏଯାଏ ରାଜ୍ୟରେ ପ୍ରାୟ ୭୦୦୦ ନାବାଳିକା ଓ ନାବାଳକ ନିଖୋଜ ହୋଇଛନ୍ତି ବୋଲି ସରକାରୀ ସୂତ୍ର କହୁଛି। ଏଥିରୁ ପ୍ରାୟ ୫୦୫୦ ଜଣ ହେଉଛନ୍ତି ନାବାଳିକା। ଏଭଳି ଅଭାବନୀୟ ଓ ହୃଦୟବିଦାରକ ତଥ୍ୟ ପ୍ରମାଣ କରୁଛି ଯେ, ରାଜ୍ୟରେ ଅନାଥ ଓ ବିପନ୍ନ ଶିଶୁମାନଙ୍କର ଏକାଧିକ ଚାଲାଣ ର୍‍ୟାକେଟ୍ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ପ୍ରଶାସନିକ ଅବହେଳା ଯୋଗୁ ଶିଶୁ ନିଖୋଜ ଘଟଣା ବୃଦ୍ଧି ପାଉଛି। ବର୍ତ୍ତମାନ ରାଜ୍ୟରେ କେତେ ଶିଶୁ ନିଖୋଜ ଅଛନ୍ତି ତାହା ଶ୍ୱେତପତ୍ର ମାଧ୍ୟମରେ ସରକାର ଜନସାଧାରଣଙ୍କୁ ଜଣାନ୍ତୁ। ଶନିବାର କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ମନୋଜ ମହାପାତ୍ର ଓ ପଦ୍ମାକର ଗୁରୁ ଏହି ଦାବି କରିଛନ୍ତି । ଏହାସହ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ରାଜ୍ୟରେ ବଢିଚାଲିଥିବା ଶିଶୁ ନିଖୋଜ ଘଟଣା ନେଇ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ନୟାଗଡ଼ ପରୀ ହତ୍ୟାକାଣ୍ଡ ଘଟଣା ରାଜ୍ୟରେ ଝଡ଼ ସୃଷ୍ଟି କରିଥିବା ବେଳେ ପିହୁ ଘଟଣାର ମନ୍ଥର ତଦନ୍ତକୁ ନେଇ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ଓ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସତ୍ୟାସତ୍ୟର ପର୍ଦ୍ଦାଫାଶ କରିବାକୁ ରାଜ୍ୟ କଂଗ୍ରେସ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ସେହିପରି ଶନିବାର ନୟାଗଡ଼ ଜିଲା ରଣପୁର ବ୍ଲକ ଓ ନିର୍ବାଚନ ମଣ୍ଡଳୀର ବିଧିପାଟଣା ଗ୍ରାମର ସଞ୍ଜୟ ସାହୁଙ୍କ ଝିଅ ସ୍ୱାତୀ ଗାଁଦାଣ୍ଡରେ ଖେଳୁଥିବା ବେଳେ ନିଖୋଜ ହୋଇଯିବା ଘଟଣା ରାଜ୍ୟର ଶିଶୁମାନଙ୍କ ପ୍ରତି ଚରମ ଆକ୍ରମଣ ବୋଲି ମହାପାତ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରଶ୍ମି ମହାପାତ୍ର, ଅମିୟ ପାଣ୍ଡବ ଓ ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାନେତ୍ରୀ ବନ୍ଦିତା ପରିଡ଼ା ଶନିବାର ଯାଜପୁର ଜିଲା ଗସ୍ତ କରିଛନ୍ତି। ସେ ଏହି ଜିଲାର ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ୬ ନଂ. ୱାର୍ଡର ମୋନାଲିସା ନାୟକଙ୍କ ବାପ ଘରେ ପହଞ୍ଚି ୪ ମାସ ତଳେ ନିଖୋଜ ୨ବର୍ଷର ଶିଶୁକନ୍ୟା ଶୁଭଲକ୍ଷ୍ମୀ (ପିହୁ)ର ବାପା, ମା'ଙ୍କୁ ସାକ୍ଷାତ୍ କରି ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି।

# ଗାଁ ଦାଣ୍ଡରୁ ପୁଣି ଜଣେ ଶିଶୁକନ୍ୟା ନିଖୋଜ

- ପୋଲିସର ତନାଘନା ଜାରି
- ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି

ନୟାଗଡ଼ ଅଫିସ/ରଣପୁର,୧୨।୧୨(ସ୍ୱ.ପ୍ର.):

ନୟାଗଡ଼ ଜିଲା ରଣପୁର ଥାନା ବଧିପାଟଣା ଗାଁର ସଞ୍ଜୟ ସାହୁଙ୍କ ୩ବର୍ଷର ଝିଅ ହରପ୍ରିୟା ଶୁକ୍ରବାର ନିଖୋଜ ହୋଇ ଯାଇଛନ୍ତି । ସେ ଅପରାହ୍ନ ପ୍ରାୟ ୨ଟା ସମୟରେ ଗାଁ ଦାଣ୍ଡରେ ଖେଳୁଥିବା ବେଳେ କୁଆଡ଼େ ଚାଲି ଯାଇଥିଲେ । ପରୀ ଅପହରଣ ଘଟଣା ପରେ ହରପ୍ରିୟା ନିଖୋଜ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏନେଇ ସୁନାଖଳା ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ପରିବାର ପକ୍ଷରୁ ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି ସରିଲାଣି। ହେଲେ ହରପ୍ରିୟାଙ୍କ ପତ୍ତା ମିଳୁନି । କେହି ଦୁର୍ବୃତ୍ତ ତାଙ୍କୁ ଉଠାଇ ନେଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି । ଓଡ୍ରାଫ ଟିମ୍ ଓ ଦମକଳ ବାହିନୀ ନିକଟସ୍ଥ ଜଙ୍ଗଲ ଏବଂ ଗାଁ ପୋଖରୀରେ ଖୋଜାଖୋଜି କରିଥିଲେ ମଧ୍ୟ ଟେର୍ ମିଳିନି । ଡଗ୍ ସ୍କ୍ୱାଡ ତଦନ୍ତ ସାରି ଫେରିଛି । ଶନିବାର ନୟାଗଡ଼ ଏସ୍‌ପି ବଧିପାଟଣା ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମବାସୀଙ୍କୁ ପଚରାଉଚରା କରି ଫେରିଛନ୍ତି । ରଣପୁର ଥାନା ଆଇଆଇସି ଘଟଣା ତଦନ୍ତ ଜାରି ରଖିଛନ୍ତି ।

# ବନ ବିଭାଗର ୱାନ୍ ଟେଷ୍ଟ ୱାନ୍ ପ୍ଲାଣ୍ଟ ଯୋଜନା

**ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ସ୍ମୃତି ସାଇତି ପାଇଁ ପ୍ରୟାସ**

ସମ୍ବଲପୁର,୧୨।୧୨(ବ୍ୟୁରୋ):

ସମ୍ବଲପୁର ଜିଲା ହୀରାକୁଦଠାରେ ଇକୋ-ରିଟ୍ରିଟ ଡିସେମ୍ବର ୯ ତାରିଖଠାରୁ ଆରମ୍ଭ ହୋଇଛି। ଇକୋ ରିଟ୍ରିଟରେ ଆସୁଥିବା ପର୍ଯ୍ୟଟକଙ୍କ ସ୍ମୃତି ସାଇତି ରଖିବା ପାଇଁ ବନ ବିଭାଗ ପକ୍ଷରୁ ୱାନ୍ ଟେଷ୍ଟ ୱାନ୍ ପ୍ଲାଣ୍ଟ ଯୋଜନା କରାଯାଇଛି। ଅର୍ଥାତ୍ ଜଣେ ପର୍ଯ୍ୟଟକ ଗୋଟିଏ ଚାରା ରୋପଣ କରିବେ। ଇକୋ ରିଟ୍ରିଟ ସ୍ଥଳ ମହାନଦୀ ତଟରେ ଏହି ଚାରା ରୋପଣ କରାଯାଇଛି। ବୃକ୍ଷ ରୋପଣ ସମୟରେ ପରିଚୟ ମଧ୍ୟ ବନ ବିଭାଗ ସାଇତି ରଖିବ। ଏହି ଉତ୍ସବ ଚାଲୁଥିବା ସମୟରେ ସେମାନେ ଏହାର ସୁରକ୍ଷା ଓ ଯତ୍ନ ନେବେ ଓ ପରେ ବନ ବିଭାଗ ଚାରାଗୁଡିକର ସୁରକ୍ଷା କରିବ। ଏଭଳି ୨ ହଜାର ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ସମ୍ବଲପୁର ଡିଏଫ୍‌ଓ ଡ. ସଞ୍ଜୀତ କୁମାର କହିଛନ୍ତି। ସେ କହିଛନ୍ତି, ପର୍ଯ୍ୟଟକମାନେ ଇକୋ ରିଟ୍ରିଟକୁ ମନୋରଞ୍ଜନ ପାଇଁ ଆସନ୍ତି। ସେମାନେ ଆସୁଥିବା ସ୍ମୃତିକୁ ସାଇତି ରଖାଯିବ। ଯେଉଁ ପର୍ଯ୍ୟଟକ ଚାହିଁବେ ସିଡ୍ ବଲ ତିଆରି କରିବା ପାଇଁ ତାଲିମ ଦିଆଯିବ। ଏଥିପାଇଁ ୨ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଏହାକୁ ସୁରକ୍ଷିତ ରଖାଯାଇ ବର୍ଷା ସମୟରେ ବ୍ୟବହାର କରାଯିବ। ଇକୋ ରିଟ୍ରିଟ ଆଗକୁ ମଧ୍ୟ ହେବ। ତେଣୁ ପ୍ରତିବର୍ଷ ଚାରା ରୋପଣ କଲେ ଆଗାମୀ ଦିନରେ ଏହି ସ୍ଥାନ ସବୁଜିମାରେ ଭରିଯିବ।

